# ଓଡ଼ିଶା ପର୍ଯ୍ୟଟନ ନୀତି– ୨୦୧୬

## ୧. ଉପକ୍ରମ

ସାରା ବିଶ୍ୱରେ ପର୍ଯ୍ୟଟନ ଶିଳ୍ପ ଅର୍ଥନୈତିକ ବିକାଶ ନିମନ୍ତେ ଏକ ପ୍ରମୁଖ ମାଧ୍ୟମ । ବିଗତ କେତେ ଦଶନ୍ଧି ମଧ୍ୟରେ ଗୋଟିଏ ପ୍ରଭାବଶାଳୀ ଓ ଦ୍ରୁତଧାବମାନ ଅର୍ଥନୈତିକ କ୍ଷେତ୍ର ହେବା ପାଇଁ ପର୍ଯ୍ୟଟନ କ୍ରମାଗତ ଭାବରେ ସଂପ୍ରସାରିତ ଓ ବିବିଧତାପୂର୍ଣ୍ଣ ହୋଇଛି । ବିଶେଷ ଭାବରେ ପୃଥିବୀରେ କଳା, ସଂସ୍କୃତି ଓ ଇତିହାସ ପର୍ଯ୍ୟଟନ ଜରିଆରେ ଉପଲବ୍ଧ ହୋଇଥାଏ । ପ୍ରତ୍ୟକ୍ଷ ରୋଜଗାର ସନ୍ନିହିତ ନିଯୁକ୍ତି ସୃଷ୍ଟି କରିବା ସହିତ ପରୋକ୍ଷ ନିଯୁକ୍ତି ଓ ଆୟ ସୃଷ୍ଟି କରିବାରେ ପର୍ଯ୍ୟଟନର ବିଶେଷ ସାମର୍ଥ୍ୟ ରହିଛି । ବିଶ୍ୱରେ ଅନେକ ଦେଶର ଅର୍ଥନୀତି କେବଳ ପର୍ଯ୍ୟଟନ କ୍ଷେତ୍ରରୁ ସମୃଦ୍ଧ ହୋଇପାରିଛି । ନିଯୁକ୍ତି ଓ ଅର୍ଥନୀତିକୁ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପ ଏକାଧିକ ସହଯୋଗ କରିଛି । ପ୍ରତ୍ୟକ୍ଷ, ପରୋକ୍ଷ ଓ ଅନୁକୂଳ ପ୍ରଭାବକୁ ମିଶାଇ ୨୦୧୫ ମସିହାରେ ଏହା ସାରା ପୃଥିବୀର ସମୁଦାୟ ଘରୋଇ ଉତ୍ପାଦର ୯.୮ ପ୍ରତିଶତ ଥିଲା । ବିଶ୍ୱ ଅର୍ଥନୀତିରେ ପର୍ଯ୍ୟଟନ ଶିଳ୍ପ ୭.୨ ନିୟୁତ ନିଯୁକ୍ତି ସଂଯୋଗ କରିଥିଲା । ପ୍ରତି ୧୧ ଜଣରେ ଜଣେ ପର୍ଯ୍ୟଟନ ସଂପର୍କିତ ନିଯୁକ୍ତି ପାଇଛନ୍ତି ।

ଭାରତରେ ପର୍ଯ୍ୟଟନ ଏକ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ । ଭ୍ରମଣ ଓ ପର୍ଯ୍ୟଟନ ପ୍ରତିଯୋଗିତା ସୂଚକାଙ୍କରେ ଭାରତ ୬୫ତମ ସ୍ଥାନରୁ ୫୨ତମ ସ୍ଥାନକୁ ଆସିପାରିବା ଏହି କ୍ଷେତ୍ରରେ ଅଗ୍ରଗତିକୁ ପ୍ରମାଣ କରୁଛି । ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ୨୦୧୫ ମସିହାରେ ଆମ ଦେଶକୁ ୮ ନିୟୁତ ବିଦେଶୀ ପର୍ଯ୍ୟଟକ ଓ ଦେଶର ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୧୪୩୨ ନିୟୁତ ଘରୋଇ ପର୍ଯ୍ୟଟକ ଆସିଥିଲେ, ୧୩୫୧୯୩ କୋଟି ଟଙ୍କା ଆୟ ହୋଇଥିଲା । ବିଶ୍ୱ ଭ୍ରମଣ ଓ ପର୍ଯ୍ୟଟନ ମହାସଂଘ ଭାରତକୁ ପୃଥିବୀର ୧୧ଶ ଦ୍ରୁତ ସମୃଦ୍ଧ ଗନ୍ତବ୍ୟ ଦେଶ ଭାବରେ ଗଢ଼ିତୋଳିବାକୁ ଉଦ୍ୟମ କରୁଥିବା ପରିପ୍ରେକ୍ଷୀରେ ପର୍ଯ୍ୟଟନ କ୍ଷେତ୍ରରୁ ଆୟ ଭବିଷ୍ୟତରେ ଅଧିକ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ଅତୁଲ୍ୟ ଭାରତର ଆତ୍ମା ଓଡ଼ିଶା, ତା'ର ସ୍ୱର୍ଣ୍ଣିମ ଇତିହାସ, ଅନୁକୂଳ ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟାଗତ ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ ହେତୁ ପର୍ଯ୍ୟଟନ ପାଇଁ ପ୍ରଭାବଶାଳୀ ସମ୍ବଳ ବହନ କରିଛି । ଶ୍ରୀଜଗନ୍ନାଥ ଧାମ ପୁରୀ ରଥଯାତ୍ରା ନିମନ୍ତେ ପ୍ରସିଦ୍ଧ ଓ ଭାରତର ପ୍ରାଚୀନତମ ତୀର୍ଥ ସ୍ଥାନ ହୋଇଥିବାରୁ ଏହା ସାରାବର୍ଷ ଲକ୍ଷଲକ୍ଷ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ । 'ସୁବର୍ଣ୍ଣ ତ୍ରିଭୂଜ' ଭାବରେ ଅତ୍ୟନ୍ତ ଲୋକପ୍ରିୟ 'ୟୁନେସ୍କୋ' ଦ୍ୱାରା ଐତିହ୍ୟ ଘୋଷିତ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର(୧୨ଶ ଶତାବ୍ଦୀ), ମନ୍ଦିରମାଳିନୀ ନଗରୀ ଭୁବନେଶ୍ୱର(୯ମ ଶତାବ୍ଦୀ), ପୁରୀ(୧୧ଶ ଶତାବ୍ଦୀ) ଆନ୍ତର୍ଜାତିକ ଓ ଘରୋଇ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାନ୍ତି ।

ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀଠାରୁ ଆରମ୍ଭ କରି ଓଡ଼ିଶାର ସୁଦୀର୍ଘ ବୌଦ୍ଧଧର୍ମ ପରମ୍ପରା ରହିଛି । ଲଳିତଗିରି, ରତ୍ନଗିରି ଓ ଉଦୟଗିରିରେ ଉତ୍ଖନନକ୍ରମେ ବୌଦ୍ଧସ୍ତୂପ, ମଠ ଓ ବିହାରମାନ ଆବିଷ୍କୃତ ହୋଇଥିବାବେଳେ ସେଠାରେ ବୁଦ୍ଧଦେବଙ୍କ ସ୍ମାରକୀ ଥିବାରୁ ତାହା ସାରା ବିଶ୍ୱରେ ସ୍ୱର୍ଣ୍ଣ ତ୍ରିଭୂଜ ଭାବରେ ଖ୍ୟାତି ଅର୍ଜନ କରିଛି ।

ଅଶୋକଙ୍କ କଳିଙ୍ଗ ଯୁଦ୍ଧ ସଂଘଟିତ ହୋଇଥିବା ଧଉଳିଠାରେ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀର ଅଶୋକଙ୍କ ଶିଳାଲେଖ ଓଡ଼ିଶାରେ ବୌଦ୍ଧ ପରମ୍ପରାର ବଳିଷ୍ଠ ନିଦର୍ଶନ । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ଦୁଇଶହ ବୌଦ୍ଧ ଐତିହ୍ୟସ୍ଥଳ ଚିହ୍ନଟ ହୋଇଛି ।

ପ୍ରକୃତିର ଅନବଦ୍ୟ ଉପହାରରେ ଓଡ଼ିଶା ସମୃଦ୍ଧ । ଭାରତର ସ୍ୱର୍ଣ୍ଣିମ ଅତୀତ ଓ ପୁନଃପ୍ରତିଷ୍ଠିତ ବର୍ତ୍ତମାନ ମଧ୍ୟରେ ଓଡ଼ିଶା ଏକ ସେତୁ । ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ କୀର୍ତ୍ତିରାଜି, ଆକର୍ଷଣୀୟ ବେଳାଭୂମି, ଘଞ୍ଚ ବନାନୀ, ସୁଉଚ୍ଚ ପର୍ବତମାଳା, ଚମତ୍କାର ବନ୍ୟପ୍ରାଣୀ, ରହସ୍ୟମୟ ଜଳପ୍ରପାତ, ସୁନ୍ଦର ହସ୍ତଶିଳ୍ପ, ବିସ୍ତୀର୍ଣ୍ଣ ଜଳଭଣ୍ଡାର, ପ୍ରସିଦ୍ଧ ଶାସ୍ତ୍ରୀୟ ଓ ଲୋକନୃତ୍ୟ, ମୁଗ୍ଧକର ସଂଗୀତ ଓ ସର୍ବୋପରି ଅତିଥିପରାୟଣ ରାଜ୍ୟବାସୀ ହେଉଛନ୍ତି ବିବିଧ ବିସ୍ମୟ, ଯେଉଁମାନେ କି ଓଡ଼ିଶାକୁ ବିଶ୍ୱର ଚରମ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିପାରିଛନ୍ତି ।

ପ୍ରଗତିଶୀଳ ବିଶ୍ୱାୟନ ସହିତ ତାଳଦେଇ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ବିଶେଷ ସଫଳତା ହାସଲ କରିଛି ଏବଂ ପର୍ଯ୍ୟଟକମାନଙ୍କ ପରିବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟରେ ପର୍ଯ୍ୟଟନକୁ ଏକ ପୋଷଣୀୟ ଶିଳ୍ପ ଭାବରେ ଗ୍ରହଣ କରାଯାଇଛି । ରାଜ୍ୟର ଅର୍ଥନୀତିକୁ ପର୍ଯ୍ୟଟନର ପ୍ରମୁଖ ଅବଦାନ ରହିଛି । ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦର ୧୩ ପ୍ରତିଶତ । ପର୍ଯ୍ୟଟକ ସାନ୍ଦ୍ରତା ଦୃଷ୍ଟିରୁ ଜାତୀୟ ହାରାହାରିଠାରୁ ଓଡ଼ିଶାର ହାରାହାରି ୨୯ ପ୍ରତିଶତ ଅଧିକ । 'ଇଜ୍ ଅଫ୍ ଡୁଇଂ ବିଜିନେସ୍' ନିମନ୍ତେ ରାଜ୍ୟ ସରକାର ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଅନେକ ଐତିହାସିକ ସଂସ୍କାର ପ୍ରବର୍ତ୍ତନ କରିଛନ୍ତି । ୨୦୧୬ର ଲୋକସେବା ଆଇନ୍, ପ୍ରଗତିଶୀଳ ଶିଳ୍ପନୀତି–୨୦୧୫ ପରି କେତେକ ପଦକ୍ଷେପ ବଳରେ ଅର୍ଥନୀତିରେ ଉତ୍ସାହପ୍ରଦ ପ୍ରଭାବ ପରିଲକ୍ଷିତ ହୋଇଛି ଏବଂ ପର୍ଯ୍ୟଟନକୁ ମଧ୍ୟ ରାଜ୍ୟର ଅଭିବୃଦ୍ଧି ଉଦ୍ଦେଶ୍ୟରେ ଅଗ୍ରାଧିକାର ଦିଆଯାଇଛି ।

ବିଗତ କେତେ ଦଶକ ମଧ୍ୟରେ ରାଜ୍ୟକୁ ପର୍ଯ୍ୟଟକ ଆଗମନ ସଂଖ୍ୟା ବହୁ ପରିମାଣରେ ବୃଦ୍ଧିପାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରୁ ସୁଦୂରପ୍ରସାରୀ ଅଭିଯାନକ୍ରମେ ବିଗତ ୬ ବର୍ଷ ମଧ୍ୟରେ ରାଜ୍ୟକୁ ପର୍ଯ୍ୟଟକ ଆଗମନ କ୍ରମବର୍ଦ୍ଧମାନ ସଂଖ୍ୟା ସୂଚକ ପ୍ରକାଶ କରିଛି ।

**ବିଗତ ୬ ବର୍ଷରେ ଓଡ଼ିଶାକୁ ପର୍ଯ୍ୟଟକମାନଙ୍କ ଆଗମନ**

| ବର୍ଷ | ଘରୋଇ | ବିଦେଶୀ | ସମୁଦାୟ |
|---|---|---|---|
| ୨୦୧୦–୧୧ | ୭୭,୭୦,୭୪୧ | ୫୩,୨୧୨ | ୭୮,୨୩,୯୫୩ |
| ୨୦୧୧–୧୨ | ୮୪,୭୩,୩୦୮ | ୬୨,୮୧୬ | ୮୫,୩୫,୦୨୪ |
| ୨୦୧୨–୧୩ | ୯୨,୯୦,୭୩୪ | ୬୬,୫୨୨ | ୯୩,୫୭,୨୫୬ |
| ୨୦୧୩–୧୪ | ୧,୦୦,୬୪,୦୭୨ | ୬୭,୪୦୦ | ୧,୦୧,୩୧,୪୭୨ |
| ୨୦୧୪–୧୫ | ୧,୧୦,୫୧,୩୫୧ | ୭୨,୨୧୫ | ୧,୧୧,୨୩,୫୬୬ |
| ୨୦୧୫–୧୬ | ୧,୨୦,୬୭,୬୯୫ | ୬୭,୩୬୪ | ୧,୨୧,୩୫,୦୫୯ |

## ୨. ଦୃଷ୍ଟିସୀମା

ଓଡ଼ିଶାକୁ ଏକ ସର୍ବୋତ୍କୃଷ୍ଟ ପର୍ଯ୍ୟଟକ ଗନ୍ତବ୍ୟସ୍ଥଳ ଭାବରେ ଉନ୍ନୀତ କରିବା ଓ ଏହାକୁ ଜାତୀୟ ତଥା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ପ୍ରଦାନ କରିବା ।

## ୩. ଲକ୍ଷ୍ୟ

(କ) ଅର୍ଥନୈତିକ ଅଭିବୃଦ୍ଧି, ସାମଗ୍ରିକ ବିକାଶ, ନିଯୁକ୍ତି ସୃଷ୍ଟି, ସାମାଜିକ ସାମ୍ୟ ଓ ସଂହତି ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ସାଙ୍ଗକୁ ଓଡ଼ିଶାବାସୀଙ୍କ ଆୟସୀମା ବୃଦ୍ଧି ନିମନ୍ତେ ପର୍ଯ୍ୟଟନକୁ ଉତ୍ସର୍ଗୀକୃତ ଭାବରେ ପ୍ରୋତ୍ସାହନ ପ୍ରଦାନ, (ଖ) ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ପର୍ଯ୍ୟଟନ ଭାବମୂର୍ତ୍ତିର ଅଭିବୃଦ୍ଧି ସାଧନ, (ଗ) ପ୍ରମୁଖ ପର୍ଯ୍ୟଟନ ସାମଗ୍ରୀଗୁଡ଼ିକର ବିକାଶ ଓ ପ୍ରସାର, ଐତିହ୍ୟ ଓ ପ୍ରାକୃତିକ ପରିବେଶର ସଂରକ୍ଷଣ ଓ (ଘ) ପର୍ଯ୍ୟଟନସଂପୃକ୍ତ ସମସ୍ତ ଅଙ୍ଗୀକାରଙ୍କ ହିତ ସାଧନ ନିଶ୍ଚିତକରଣ ।

## ୪. ଉଦ୍ଦେଶ୍ୟ

କ) ପୋଷଣୀୟ ଓ ସବୁଜ ପର୍ଯ୍ୟଟନକୁ ପ୍ରୋତ୍ସାହନ ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ସାଙ୍ଗକୁ ଗୋଷ୍ଠୀ ସମୁଦାୟଙ୍କ ସାମାଜିକ-ଅର୍ଥନୈତିକ କଲ୍ୟାଣ ।

ଖ) ସାମଗ୍ରିକ ବିକାଶ ନିମନ୍ତେ ପର୍ଯ୍ୟଟନ ଉନ୍ନୟନକୁ ଦୃଷ୍ଟିରେ ରଖି ସବୁସ୍ତରରେ ଫଳପ୍ରଦ ଓ ସୁସଂଯତ ଭାବରେ ବେସରକାରୀ-ଘରୋଇ ଭାଗୀଦାରୀ ମାଧ୍ୟମରେ କାର୍ଯ୍ୟକରି ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସମ୍ବଳ ଓ ପରିବେଶର ସୁରକ୍ଷା, ଉନ୍ନତିକରଣ ଓ ପ୍ରୋତ୍ସାହନ ।

ଗ) ଓଡ଼ିଶାର ମହାନ୍ ଇତିହାସ, ସଂସ୍କୃତି, ସମାଜ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଲବ୍ଧି ନିମନ୍ତେ ଓଡ଼ିଶାକୁ ଏକମାତ୍ର ପର୍ଯ୍ୟଟକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିବା ପାଇଁ ସବୁମନ୍ତେ ଉଦ୍ୟମ କ୍ରମେ ରାଜ୍ୟକୁ ଘରୋଇ ଓ ବିଦେଶୀ ପର୍ଯ୍ୟଟକମାନଙ୍କ ଆଗମନ ସକାଶେ ପ୍ରୋତ୍ସାହନ ।

ଘ) ପର୍ଯ୍ୟଟକମାନଙ୍କର ସହଜ ଆଗମନ ଓ ବିଚରଣ ଅଧିକ ବିସ୍ତୃତ କରିବା ନିମନ୍ତେ ପୂର୍ବଭାରତର ରାଜ୍ୟଗୁଡ଼ିକର ସହଯୋଗିତାରେ କ୍ଷେତ୍ରୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ।

ଙ) ଦକ୍ଷତା ଏବଂ ବ୍ୟବସାୟିକତା ବୃଦ୍ଧି ସାଙ୍ଗକୁ ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗକୁ ପ୍ରୋତ୍ସାହନ ।

ଚ) ଡିଜିଟାଲ ପର୍ଯ୍ୟଟନକୁ ପ୍ରୋତ୍ସାହନ ।

ଛ) ପର୍ଯ୍ୟଟନରେ ଦାୟିତ୍ୱକୁ ପ୍ରୋତ୍ସାହନ ଏବଂ ପରିବେଶ ଅନୁକୂଳ ଉପାୟରେ ପର୍ଯ୍ୟଟନ ସଂପଦର ଅଭିବୃଦ୍ଧି ।

ଜ) ପ୍ରତିବନ୍ଧକମୁକ୍ତ ପର୍ଯ୍ୟଟନକୁ ପ୍ରୋତ୍ସାହନ ।

ଝ) ବେଳାଭୂମି ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ, ବୌଦ୍ଧ ପର୍ଯ୍ୟଟନ, ଐତିହ୍ୟ ପର୍ଯ୍ୟଟନ, ଧାର୍ମିକ ପର୍ଯ୍ୟଟନ, ଜ୍ଞାନ ପର୍ଯ୍ୟଟନ, ସ୍ୱାସ୍ଥ୍ୟ ପର୍ଯ୍ୟଟନ, ପରିଭ୍ରମଣ ପର୍ଯ୍ୟଟନ, ଦଳଗତ ପର୍ଯ୍ୟଟନ, ଦୁଃସାହସିକ ପର୍ଯ୍ୟଟନ, ବାଲୁକାକଳା ପର୍ଯ୍ୟଟନ ଓ କ୍ରୁଇଜ୍ ପର୍ଯ୍ୟଟନ ଇତ୍ୟାଦିକୁ ପ୍ରୋତ୍ସହନ ।

## ୫. ଉପାୟ

**କ) ଆନ୍ତଃବିଭାଗୀୟ ସହଯୋଗ:** ପର୍ଯ୍ୟଟନ ସଶକ୍ତ ବହୁମୁଖୀ ସହଯୋଗ ଲୋଡ଼େ । ସୁତରାଂ, ରାଜ୍ୟ ସରକାର ସମସ୍ତ ବିଭାଗର କାର୍ଯ୍ୟକଳାପକୁ ସମନ୍ୱିତ କରି ଲକ୍ଷ୍ୟ ପୂରଣ ନିମନ୍ତେ ଉଦ୍ୟମ କରିବେ

**ଖ) ବୈଧାନିକ ନିୟନ୍ତ୍ରଣମୂଳକ ଆଧାର:** ନୀତିଗତ ସମନ୍ୱୟ ନିମନ୍ତେ ଆବଶ୍ୟକୀୟ ବୈଧାନିକ ଆଧାର ବ୍ୟତୀତ କ୍ଷେତ୍ରୀୟ ସ୍ତରରେ ଶକ୍ତି ସଂଗଠନର ଆବଶ୍ୟକତା ରହିଛି । ତେଣୁ କାର୍ଯ୍ୟାନ୍ୱୟନ ସ୍ତରରେ ସମାନ ଭାବରେ ବୈଧାନିକ ଆଧାର ମଧ୍ୟ ଦରକାର । ପର୍ଯ୍ୟଟନସ୍ଥଳଗୁଡ଼ିକର ମାନ ଓ ମୂଲ୍ୟ ବୃଦ୍ଧି ନିମନ୍ତେ ସ୍ଥାନୀୟ ପରିଚ୍ଛନ୍ନତା, ସ୍ଥାନର ସୌନ୍ଦର୍ଯ୍ୟ ବୃଦ୍ଧି ଓ ଅନଧିକାର ଅବରୋଧ ନିୟନ୍ତ୍ରଣ ଇତ୍ୟାଦି ପର୍ଯ୍ୟଟନ ନୀତିର ଲକ୍ଷ୍ୟ ରହିଛି । ନିର୍ଦ୍ଦିଷ୍ଟ ନିୟମାନୁସାରେ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ସ୍ଥାନୀୟ ସଂଗଠନ, ପୋଲିସ ଓ ଜନପ୍ରତିନିଧିମାନଙ୍କ ସହ ଏକତ୍ର କାର୍ଯ୍ୟ କରାଯିବ । ସମୟକ୍ରମେ ପର୍ଯ୍ୟଟନ ଉପଦେଷ୍ଟା କମିଟି ଉପରୋକ୍ତ ନିୟନ୍ତ୍ରଣକୁ ଲାଗୁକରିବା ପାଇଁ ସୁପାରିଶ କରିବେ ।

**ଗ) ଭିତ୍ତିଭୂମି ବିକାଶ:** ରାଜ୍ୟରେ ପର୍ଯ୍ୟଟନ ବିକାଶ ନିମନ୍ତେ ଭିତ୍ତିଭୂମିର ବିକାଶ ଏକ ପ୍ରମୁଖ ଉପାଦାନ । ସରକାରଙ୍କ ଉଦ୍ୟମକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଭିତ୍ତିଭୂମି ବିକାଶ ଦିଗରେ ବେସରକାରୀ ଅନୁଷ୍ଠାନର ଅଂଶଗ୍ରହଣ ସକାଶେ ସରକାର ଦୃଢ଼ ଭାବରେ ପରିବେଶ ଓ ନୀତିନିୟମର ସୁବିଧା କରିବେ । ଏପରି କାର୍ଯ୍ୟରେ ଘରୋଇ ଓ ବିଦେଶୀ ଅନୁଷ୍ଠାନର ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରାଯିବ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଦୀର୍ଘମିଆଦୀ ଭିତ୍ତିଭୂମି ବିକାଶ ନିମନ୍ତେ ଘରୋଇ-ବେସରକାରୀ ଭାଗୀଦାରୀକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ ।

**ଘ) ଜମି:** ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ପର୍ଯ୍ୟଟନ ବିଭାଗ ଉପଯୁକ୍ତ ଜମି/ସ୍ଥାନ ଚିହ୍ନଟ କରିବ । ଏପରି ସଂରକ୍ଷିତ ଜମି/ସ୍ଥାନର ବିବରଣୀ/ସୂଚନା ବିଭାଗୀୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ସଂପୃକ୍ତ ପ୍ରକଳ୍ପର ବୈଷୟିକ-ଆର୍ଥନୀତିକ ସମ୍ଭାବନା ଓ ନିଯୁକ୍ତି ସୁଯୋଗର ସାମର୍ଥ୍ୟ ନେଇ ସ୍ୱଚ୍ଛ ପ୍ରଣାଳୀରେ ଅନୁଧ୍ୟାନ କରାଯାଇ ଘରୋଇ ପୁଞ୍ଜିନିବେଶକମାନଙ୍କୁ ଜମି ଯୋଗାଇ ଦିଆଯିବ ।

**ଙ) ସଡ଼କ ପରିବହନ:** ପର୍ଯ୍ୟଟନ ବିଭାଗ ପ୍ରଧାନ ରାଜ୍ୟ ରାଜପଥ ସହିତ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ଚିହ୍ନଟ କରିବ ଓ ସଂପୃକ୍ତ ବିଭାଗକୁ ଏହି ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ସୌନ୍ଦର୍ଯ୍ୟକରଣ ଏବଂ ଉଚ୍ଚମାନର ରକ୍ଷଣାବେକ୍ଷଣ ନିମନ୍ତେ ସୁପାରିଶ କରିବ । ଏହି ପ୍ରଧାନ ରାସ୍ତାଗୁଡ଼ିକ ପାର୍ଶ୍ୱରେ ସାଧାରଣ ସୁବିଧା, ଗାଡ଼ିରଖିବା ସ୍ଥାନ, ଜଳଯୋଗାଣ କେନ୍ଦ୍ର, ବିଭିନ୍ନ ଉପକରଣର ଦୋକାନ ଏବଂ ଚିକିତ୍ସାସେବା ପରି ପର୍ଯ୍ୟଟକ ଅନୁକୂଳ ସୁଯୋଗମାନ ସୃଷ୍ଟି କରିବା ପାଇଁ ସରକାର ଘରୋଇ ପୁଞ୍ଜିନିବେଶକମାନଙ୍କୁ ଉତ୍ସାହିତ କରିବେ । ବିଭିନ୍ନ ଶ୍ରେଣୀର ପର୍ଯ୍ୟଟକମାନଙ୍କପାଇଁ ଉପଯୁକ୍ତ ପରିବହନ ସେବାର ଉନ୍ନତି ପାଇଁ ରାଜ୍ୟ ସରକାର ଘରୋଇ ପୁଞ୍ଜିନିବେଶକୁ ଉତ୍ସାହିତ କରିବେ ।

**ଚ) ବିମାନଯାତ୍ରା ସଂଯୋଗୀକରଣ:** ଦେଶର ପ୍ରଧାନ ସହର ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପ୍ରତ୍ୟକ୍ଷ ବିମାନ ସେବା ନିମନ୍ତେ ରାଜ୍ୟ ସରକାର ସବୁମନ୍ତେ ଉଦ୍ୟମ କରିବେ । ରାଜ୍ୟ ଭିତରେ ଛୋଟ ଛୋଟ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ ନିମନ୍ତେ ସରକାର ବେସରକାରୀ-ଘରୋଇ ଅନୁଷ୍ଠାନଗୁଡ଼ିକୁ ଉତ୍ସାହିତ କରିବେ । ବିଦେଶୀ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଭୁବନେଶ୍ୱରକୁ ଅଧିକ ପରିମାଣର ଆନ୍ତର୍ଜାତିକ ବିମାନସେବା ଯୋଗାଇଦେବା ସକାଶେ ଆଗତୁରା ଟିକେଟ ସୁବିଧା, ରିହାତି ବ୍ୟବସ୍ଥା କିମ୍ବା ଯେ କୌଣସି ଆବଶ୍ୟକୀୟ ଅନୁକୂଳ ବ୍ୟବସ୍ଥା ଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

**ଛ) ରେଳ ସଂଯୋଗୀକରଣ:** ରାଜ୍ୟରେ, ବିଶେଷ କରି ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ରେଳପଥ ସଂପ୍ରସାରଣ ନିମନ୍ତେ ରାଜ୍ୟ ସରକାର ଭାରତୀୟ ରେଳ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିବେ । ବିଭିନ୍ନ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଧିକ ସୁପରଫାଷ୍ଟ/ଲକ୍‌ଜୁରୀ/ସ୍ୱତନ୍ତ୍ର ରେଳ ଚଳାଚଳ ଜାରି କରିବା ନିମନ୍ତେ ରେଳ ମନ୍ତ୍ରଣାଳୟକୁ ପ୍ରବର୍ତ୍ତାଇବା ସକାଶେ ଉଦ୍ୟମ କରାଯିବ । ଭାରତୀୟ ରେଳ, ଭାରତୀୟ ରେଳ କ୍ୟାଟରିଂ ଓ ଟୁରିଜିମ୍ କର୍ପୋରେସନ୍ ତଥା ପଡ଼ୋଶୀ ରାଜ୍ୟମାନଙ୍କ ସହଯୋଗରେ 'ପାଲେସ୍-ଅନ୍-ହୁଇଲ୍ସ' ଟ୍ରେନ୍ ପରି ରେଳ ଚଳାଚଳ ପାଇଁ ମଧ୍ୟ ଉଦ୍ୟମ କରାଯିବ ।

**ଜ) ଗୁଣାତ୍ମକ ବିଦ୍ୟୁତ୍‌ଯୋଗାଣ:** ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ୨୪ x ୩୬୫ ଦିନ ବିଦ୍ୟୁତ ଯୋଗାଣ ନିମନ୍ତେ ପର୍ଯ୍ୟଟନ ବିଭାଗ ଉଦ୍ୟମ କରିବ । ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ଗ୍ରୀଡ୍ ଇତ୍ୟାଦିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯିବ ।

**ଝ) ନାଗରିକ ସୁବିଧା:** ପର୍ଯ୍ୟଟନ ବିଭାଗ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ସଂଗଠନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକର ପ୍ରତ୍ୟକ୍ଷ ହସ୍ତକ୍ଷେପ ମାଧ୍ୟମରେ ସମସ୍ତ ପ୍ରମୁଖ ତୀର୍ଥସ୍ଥାନ, ପର୍ଯ୍ୟଟନସ୍ଥଳୀ, ବେଳାଭୂମି ଇତ୍ୟାଦିରେ ସ୍ୱାସ୍ଥ୍ୟକର ଓ ପରିଚ୍ଛନ୍ନ ପରିବେଶ ନିଶ୍ଚିତ କରିବାକୁ ଉଚ୍ଚ ପ୍ରାଥମିକତା ପ୍ରଦାନ କରାଯିବ । ରାଜ୍ୟର ବେଳାଭୂମିଗୁଡ଼ିକର ପରିଚ୍ଛନ୍ନତା ଓ ପରିଷ୍କୃତି କାର୍ଯ୍ୟ ତତ୍ତ୍ୱାବଧାନ ନିମନ୍ତେ ବେଳାଭୂମି ପରିଚ୍ଛନ୍ନତା କର୍ତ୍ତୃପକ୍ଷ ଗଠନ କରାଯିବ ।

**ଞ) ରହଣି/ଆବାସ:** ବିଭିନ୍ନ ଆର୍ଥିକ ରିହାତି, 'ସିଙ୍ଗଲ୍ ୱିଣ୍ଡୋ' ସୁବିଧା, ବିପଣନ ସହଯୋଗ ଓ ଗଣମାଧ୍ୟମ ପ୍ରସାର ଇତ୍ୟାଦି ପ୍ରଦାନ କ୍ରମେ ଘରୋଇ ପୁଞ୍ଜିନିବେଶକମାନଙ୍କୁ ତାରକା ପର୍ଯ୍ୟାୟ ହୋଟେଲ୍, ସଭାକକ୍ଷ, ଐତିହ୍ୟ ହୋଟେଲ୍, ପରିବେଶ ଶିବିର ଇତ୍ୟାଦି ଖୋଲିବା ନିମନ୍ତେ ଉତ୍ସାହିତ କରାଯିବ ।

**ଟ) ପରିବେଶ ପର୍ଯ୍ୟଟନ:** ରାଜ୍ୟ ସରକାର ଜଙ୍ଗଲ ଓ ପରିବେଶ ବିଭାଗରେ ଏକ ପରିବେଶ ପର୍ଯ୍ୟଟନ ପ୍ରକୋଷ୍ଠ ଖୋଲିଛନ୍ତି । ରାଜ୍ୟରେ ପରିବେଶ ପର୍ଯ୍ୟଟନର ପ୍ରସାର ନିମନ୍ତେ ପୃଥକ ଭାବରେ ଏକ ପରିବେଶ ପର୍ଯ୍ୟଟନ ନୀତି ପ୍ରଣୟନ କରାଯାଇଛି । ପରିବେଶ ପର୍ଯ୍ୟଟନର ବ୍ୟାପକ ସାମର୍ଥ୍ୟକୁ ଦୃଷ୍ଟିରେ ରଖି ତାହାକୁ ପର୍ଯ୍ୟଟନ ଅଭିବୃଦ୍ଧିର ଏକ ପ୍ରମୁଖ ଅଙ୍ଗ ଭାବରେ ସଶକ୍ତ ଓ ଲୋକପ୍ରିୟ କରାଯିବ ।

**ଠ) ଗ୍ରାମୀଣ ପର୍ଯ୍ୟଟନ:** ହସ୍ତଶିଳ୍ପ ଓ ହସ୍ତତନ୍ତ, ଗ୍ରାମ୍ୟ ଜୀବନଧାରା, ସାମାଜିକ ଚଳଣି ଏବଂ ସଂସ୍କୃତିକୁ ଦୃଷ୍ଟିରେ ରଖି ସେସବୁରେ ସମୃଦ୍ଧ କେତେକ ମଡେଲ୍ ଗ୍ରାମକୁ ରାଜ୍ୟ ସରକାର ଚିହ୍ନଟ କରିବେ । ପର୍ଯ୍ୟଟକମାନଙ୍କୁ ଅସାଧାରଣ ଅଭିଜ୍ଞତା ପ୍ରଦାନ ଉଦ୍ଦେଶ୍ୟରେ ସେହି ଗ୍ରାମଗୁଡ଼ିକୁ ଅଧିକ ଉନ୍ନତ କରାଯିବ ।

**ଡ) ପରିଦର୍ଶନ ବଙ୍ଗଳା, ସର୍କିଟ୍ ହାଉସ୍ ଓ ଅନ୍ୟାନ୍ୟ ସହକାରୀ ରହଣି ସ୍ଥାନଗୁଡ଼ିକର ଉପଯୋଗ:** ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳସଂପଦ, ପୂର୍ତ୍ତ ବିଭାଗ ଓ ଜଙ୍ଗଲ ବିଭାଗ ଅଧୀନରେ ଉପଲବ୍ଧ ପରିଦର୍ଶନ ବଙ୍ଗଳା, ସର୍କିଟ୍ ହାଉସ୍ ଓ ଅନ୍ୟାନ୍ୟ ସରକାରୀ ରହଣିସ୍ଥଳଗୁଡ଼ିକର ତାଲିକା ପ୍ରସ୍ତୁତ କରାଯିବ । ସେଗୁଡ଼ିକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ରହଣି ଉପଯୁକ୍ତ କରି ଉନ୍ନୀତ କରିବା ସକାଶେ ବେସରକାରୀ-ଘରୋଇ ଭାଗୀଦାରୀ ଢାଞ୍ଚା କିମ୍ବା ଅନ୍ୟ କୌଣସି ଉପାୟରେ ଉଦ୍ୟମ କରାଯିବ । ପର୍ଯ୍ୟଟକମାନଙ୍କ ନିମନ୍ତେ ଶୟନ ଓ ଜଳଯୋଗ ସୁବିଧା ଯୋଜନା ଅଧୀନରେ 'ହୋମ୍ ଷ୍ଟେ'(ବାସଗୃହ ରହଣି) ପ୍ରଦାନ କରିବା ପାଇଁ ବେସରକାରୀ ସ୍ତରରେ ଘରମାଲିକମାନଙ୍କୁ ଉତ୍ସାହିତ କରାଯିବ ।

**ଢ) 'ଇଜ୍ ଅଫ୍ ଡୁଇଂ ବିଜିନେସ୍':** ୨୦୧୪ ମସିହାରେ ପ୍ରଣୀତ ଓଡ଼ିଶା ଶିଳ୍ପସମୂହ ସୁବିଧା ନୀତିରେ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ତୁରନ୍ତ ମଂଜୁରି ନିମନ୍ତେ 'ସିଙ୍ଗଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି' ଗଠନ କରାଯାଇଛି । ଏହି ସଂଗଠନକୁ ଅଧିକ ଫଳପ୍ରଦ, ସଶକ୍ତ ଓ ପୁଞ୍ଜିନିବେଶକମାନଙ୍କ ନିମନ୍ତେ ଅନୁକୂଳ କରି କାର୍ଯ୍ୟକାରୀ କରାଯିବ । ରାଜ୍ୟରେ ଲୋକସେବା ଅଧିକାର ଅଧିନିୟମ ପ୍ରଣୀତ ହୋଇଥିବାବେଳେ ପର୍ଯ୍ୟଟନ ବିଭାଗ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଆଶୁ ମଞ୍ଜୁରି ନିମନ୍ତେ ଏହି ଆଇନ୍‌ର ସଫଳ କାର୍ଯ୍ୟକାରିତା ଉପରେ ଦୃଷ୍ଟିଦେବ ।

**ଣ) ବିପଣନ ଓ ପ୍ରସାର:** ରାଜ୍ୟକୁ ଅଧିକ ପର୍ଯ୍ୟଟକ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନ ବିଭାଗ ବିଭିନ୍ନ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିବ ।

* ପର୍ଯ୍ୟଟନ ବିଭାଗ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ରରେ ଅଂଶୀଦାରମାନଙ୍କୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରିହାତି ପ୍ରଦାନ କରିବ ।
* ଅଧିକ ସଂଖ୍ୟାରେ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଦେଶବିଦେଶର ବିଶିଷ୍ଟ ଟୁର୍ ଅପରେଟର୍ସ, ପର୍ଯ୍ୟଟନ (ଭ୍ରମଣ) ଲେଖକମାନଙ୍କ ନିମନ୍ତେ ଅଧିକ ପରିଚିତି କାର୍ଯ୍ୟକ୍ରମ ଆୟୋଜନ କରାଯିବ ।
* ବିମାନବନ୍ଦରମାନଙ୍କରେ ବିଜ୍ଞାପନ ପ୍ରଚାର, ରେଳଗାଡ଼ିମାନଙ୍କରେ ବ୍ରାଣ୍ଡିଂ, ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ହୋର୍ଡିଂ ଇତ୍ୟାଦି ସଂସ୍ଥାପନ ସହ ଦେଶବିଦେଶରେ ବ୍ୟାପକ ବିପଣନ ପ୍ରସାର ସୁଯୋଗ ସୃଷ୍ଟି କରାଯିବ ।
* ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଉଭୟ ଦେଶ ଓ ବିଦେଶରେ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକରେ ସରକାରଙ୍କ ପକ୍ଷରୁ ପ୍ରଚାର ଅଭିଯାନ କରାଯିବ ।
* ଓଡ଼ିଶା ପର୍ଯ୍ୟଟନର ବିକାଶ ନିମନ୍ତେ 'ବ୍ରାଣ୍ଡ ଆମ୍ବାସାଡ଼ାର୍' ନିଯୁକ୍ତ କରାଯିବ ।

**ତ) ସାମର୍ଥ୍ୟ ବୃଦ୍ଧି:** ପର୍ଯ୍ୟଟକମାନଙ୍କ ସନ୍ତୋଷ, ଆସ୍ଥା ଓ ଯୋଗାଯୋଗ ସ୍ଥାପନ ବୃଦ୍ଧି ଦିଗରେ ବୃତ୍ତିଗତ ପାରଦର୍ଶିତା ସୃଷ୍ଟି ନିମନ୍ତେ ଆତିଥ୍ୟ ଓ ପରିଚର୍ଯ୍ୟା କ୍ଷେତ୍ରରେ ସାମର୍ଥ୍ୟ ବୃଦ୍ଧି ଉପରେ ପ୍ରାଥମିକତା ଦିଆଯିବ । ଅଧିକ ଦକ୍ଷ ମାନବସମ୍ବଳର ଆବଶ୍ୟକତା ପୂରଣ ନିମନ୍ତେ ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇଦେବାରେ ପର୍ଯ୍ୟଟନ ବିଭାଗ କାର୍ଯ୍ୟ କରିବ । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ବେସରକାରୀ ଉଦ୍ୟମଗୁଡ଼ିକୁ ସୁସଂହତ କରି ଆତିଥ୍ୟ ଓ ପରିଚର୍ଯ୍ୟା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ୟମ କରାଯିବ ।

**ଦ) ଜନସଚେତନତା:** ପର୍ଯ୍ୟଟକମାନଙ୍କ ପାଇଁ ବନ୍ଧୁଭାବାପନ୍ନ ପରିସ୍ଥିତି ଓ ଶକ୍ତିଶାଳୀ ଗ୍ରହଣୀୟ ପରିବେଶ ସୃଷ୍ଟି ନିମନ୍ତେ ସମାଜର ବିଭିନ୍ନ ସ୍ତରର ଲୋକମାନଙ୍କ ମଧ୍ୟରେ ଆବଶ୍ୟକୀୟ ପରିବର୍ତ୍ତିତ ଦୃଷ୍ଟିଭଙ୍ଗୀ ଓ ବ୍ୟବହାରରେ ଉନ୍ନତି ପର୍ଯ୍ୟଟନ

ବିକାଶର ଏକ ବିଶିଷ୍ଟ ଅଙ୍ଗ । ପର୍ଯ୍ୟଟନର ବିକାଶ ଓ ଉଚ୍ଚମାନର ପର୍ଯ୍ୟଟକ ସେବା ଯୋଗାଣର ଲକ୍ଷ୍ୟ ଗ୍ରହଣପୂର୍ବକ ପଞ୍ଚାୟତିରାଜ ଅନୁଷ୍ଠାନ, ପୌର ସଂଗଠନ, ସମବାୟ ସମିତି ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ ମାଧ୍ୟମରେ ପର୍ଯ୍ୟଟନରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ ।

**ଧ) ପଥପାର୍ଶ୍ୱ ସୁବିଧାସୁଯୋଗ:** ରାଜପଥ ଓ ବିଭିନ୍ନ ରାସ୍ତା ଦେଇ ଯାଉଥିବା ପର୍ଯ୍ୟଟକମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ନିମନ୍ତେ ପଥପାର୍ଶ୍ୱ ସୁବିଧାସୁଯୋଗ ସୃଷ୍ଟି ପାଇଁ ସରକାର ନୀତିଗତ ଭାବରେ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ପୂର୍ତ୍ତ, ପରିବହନ, ଜଙ୍ଗଲ ଓ ଅନ୍ୟାନ୍ୟ ସଂପୃକ୍ତ ବିଭାଗର କାର୍ଯ୍ୟକ୍ରମକୁ ସମନ୍ୱିତ କରି ପଥପାର୍ଶ୍ୱ ସୁବିଧାସୁଯୋଗଗୁଡ଼ିକୁ ଅଧିକ ଉନ୍ନତ କରାଯିବ ।

**ନ) ସେବା ଅଧିକାର:** ରାଜ୍ୟ ସରକାର ଲୋକସେବା ଅଧିକାର ଅଧିନିୟମ-୨୦୧୨ କାର୍ଯ୍ୟକାରୀ କରିଛନ୍ତି । ଏହି ଅଧିନିୟମରେ ପର୍ଯ୍ୟଟନ ବିଭାଗକୁ ସାମିଲ କରାଯାଇଛି ଏବଂ ସମସ୍ତ ପର୍ଯ୍ୟଟନ ପ୍ରକଳ୍ପର ଯଥାଶୀଘ୍ର ମଞ୍ଜୁରି ନିମନ୍ତେ ଏହି ଅଧିନିୟମ ଲାଗୁ କରାଯିବ ।

**ପ) ବୌଦ୍ଧ ଓ ଐତିହ୍ୟ ପର୍ଯ୍ୟଟନ:** ସମୃଦ୍ଧ ଐତିହ୍ୟ ନିମନ୍ତେ ଓଡ଼ିଶା ପରିଚିତ । ସାରା ବିଶ୍ୱବାସୀଙ୍କ ନିକଟରେ ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରଚାରପୂର୍ବକ ସରକାର ଐତିହ୍ୟ ପର୍ଯ୍ୟଟନର ପ୍ରସାର କରିବେ । ଓଡ଼ିଶାରେ ବୌଦ୍ଧଧର୍ମର ଐତିହାସିକ ପ୍ରାଧାନ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୌଦ୍ଧ ପର୍ଯ୍ୟଟନର ପ୍ରସାର କରିବେ । ସମସ୍ତ ବୌଦ୍ଧ ପର୍ଯ୍ୟଟନସ୍ଥଳୀକୁ ସଂଯୋଗୀକରଣ ଜରିଆରେ ବୌଦ୍ଧ ସର୍କିଟ୍(ଚକ୍ର, ପୁଞ୍ଜ) ଭାବରେ ଉନ୍ନୀତ କରାଯିବ ।

**ଫ) ସାମୁଦ୍ରିକ ପର୍ଯ୍ୟଟନ:** ଓଡ଼ିଶାର ବିସ୍ତୃତ ଉପକୂଳ, ଚିଲିକା ହ୍ରଦ, ବିସ୍ତୃତ ଜଳାଶୟ, ହ୍ରଦ ଇତ୍ୟାଦିକୁ ବିଚାର କଲେ ସାମୁଦ୍ରିକ ପର୍ଯ୍ୟଟନର ବିଶେଷ ସୁଯୋଗ ରହିଛି । ଆଧୁନିକ ଜଳଯାତ୍ରା ଉପକରଣ ତଥା ବୈଷୟିକ କୌଶଳ ଉପଯୋଗ କ୍ରମେ ରାଜ୍ୟ ସରକାର ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବେ ।

**ବ) ଧାର୍ମିକ ପର୍ଯ୍ୟଟନ:** ରାଜ୍ୟରେ ଅନେକ ଐତିହାସିକ କୀର୍ତ୍ତି ଓ ମନ୍ଦିର ରହିଥିବାବେଳେ ରାଜ୍ୟରେ ଧାର୍ମିକ ପର୍ଯ୍ୟଟନକୁ ବିଶେଷ ଭାବରେ ସମୃଦ୍ଧ କରାଯିବ ।

**ଭ) କ୍ଲବ୍ ପର୍ଯ୍ୟଟନ:** ରାଜ୍ୟରେ ଅନେକ ଖ୍ୟାତିସଂପନ୍ନ ଆଇ.ଟି. କମ୍ପାନୀ ରହିଛନ୍ତି । ବହୁଦେଶୀୟ କମ୍ପାନୀ ଓ ସ୍ୱେଚ୍ଛାସେବୀ ତଥା ବେସରକାରୀ ସଂଗଠନଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ବିକାଶ ଉଦ୍ଦେଶ୍ୟରେ ସେଗୁଡ଼ିକ ପ୍ରତି ଅନୁକୂଳ ପଦକ୍ଷେପ ଗ୍ରହଣ କରିବ ।

**ମ) ଜ୍ଞାନ ପର୍ଯ୍ୟଟନ:** ଓଡ଼ିଶା ପୂର୍ବଭାରତର ଜ୍ଞାନକେନ୍ଦ୍ର ଭାବରେ ପ୍ରତିଷ୍ଠିତ ହୋଇଛି । ରାଜ୍ୟରେ ଅନେକ ଉତ୍କର୍ଷ କେନ୍ଦ୍ର, ଉଚ୍ଚଶିକ୍ଷା ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଜାତୀୟ ତଥା ଅନ୍ତର୍ଜାତୀୟ ମାନର ଶିକ୍ଷାନୁଷ୍ଠାନ ରହିଛି । ଜ୍ଞାନ ଆହରଣ ନିମନ୍ତେ ବହୁ ସଂଖ୍ୟାରେ ଛାତ୍ର ଓ ବିଦ୍ୱାନମାନେ ଓଡ଼ିଶାକୁ ଆସୁଛନ୍ତି । ଏସବୁ ମାଧ୍ୟମରେ ରାଜ୍ୟ ସରକାର ଜ୍ଞାନ ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଇଦେବେ ।

**ଯ) ପ୍ରତିବନ୍ଧକହୀନ ପର୍ଯ୍ୟଟନ:** ପର୍ଯ୍ୟଟନ, ବିଶେଷ କରି ଭିନ୍ନକ୍ଷମ ପର୍ଯ୍ୟଟକମାନଙ୍କ ନିମନ୍ତେ ପ୍ରତିବନ୍ଧକହୀନ ପର୍ଯ୍ୟଟନ ସକାଶେ ରାଜ୍ୟ ସରକାର ପ୍ରଗାଢ଼ ପରିଶ୍ରମପୂର୍ବକ ପ୍ରୋତ୍ସାହନ ଦେବେ । ପ୍ରତିବନ୍ଧକହୀନ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ପ୍ରବର୍ତ୍ତନ/ପରିବର୍ତ୍ତନ ଏବଂ ନୂତନ ପ୍ରକଳ୍ପ ନିମନ୍ତେ ଉଦ୍ୟୋଗୀ/ବ୍ୟକ୍ତିବିଶେଷଙ୍କୁ ରିହାତି ପ୍ରଦାନ କରାଯିବ ।

## ୬. ସଂଜ୍ଞା

**୬.୧ ପର୍ଯ୍ୟଟନ ଅନୁଷ୍ଠାନ:** ପ୍ରଚଳିତ ନୀତିନିୟମାନୁସାରେ ଆଇନାନୁମୋଦିତ ହୋଇ ଭ୍ରମଣ ଓ ପର୍ଯ୍ୟଟନସଂପୃକ୍ତ ଯେ କୌଣସି ସେବା ଯୋଗାଇ ଦେଉଥିବା ସଂସ୍ଥା ବା ଅନୁଷ୍ଠାନ । ନିମ୍ନଲିଖିତ ସଂସ୍ଥାଗୁଡ଼ିକ ପର୍ଯ୍ୟଟନ ଅନୁଷ୍ଠାନ ଭାବରେ ବିବେଚିତ

ହେବେ– (କ) ତାରକା ହୋଟେଲ୍ (ଖ) ଐତିହ୍ୟ ହୋଟେଲ୍ (ଗ) ଆପାର୍ଟମେଣ୍ଟ ହୋଟେଲ୍ (ଘ) ମୋଟେଲ୍ (ଙ) ଅଧିବେଶନ ବା ସମ୍ମିଳନୀ ଗୃହ (ଚ) ରିସର୍ଟ (ଛ) ତମ୍ବୁ ଆଚ୍ଛାଦିତ ଆବାସ (ଜ) ପର୍ଯ୍ୟଟନ ଓ ଆତିଥ୍ୟ ତାଲିମ ପ୍ରତିଷ୍ଠାନ (ଝ) ଆମୋଦପ୍ରମୋଦ ଜଳକ୍ରୀଡ଼ା/ଦୁଃସାହସିକ କ୍ରୀଡ଼ା/ଥିମ୍/ଉଦ୍ୟାନ (ଞ) ପଥପାର୍ଶ୍ୱ ସୁବିଧାସୁଯୋଗ

***୬.୨ ଅଭିପ୍ରେତ ତାରିଖ:*** ଓଡ଼ିଶା ପର୍ଯ୍ୟଟନ ନୀତି ୨୦୧୬ ଗେଜେଟ୍‌ରେ ବିଜ୍ଞାପିତ ହେବା ପରଠାରୁ ନୀତି କାର୍ଯ୍ୟକାରୀ ହେବ ।

***୬.୩ ନୂତନ ପର୍ଯ୍ୟଟନ ଅନୁଷ୍ଠାନ:*** ପର୍ଯ୍ୟଟନ ନୀତି କାର୍ଯ୍ୟକାରୀ ହେଉଥିବା ସମୟରେ ଯେଉଁ ପର୍ଯ୍ୟଟନ ଅନୁଷ୍ଠାନ ଆରମ୍ଭ ହୋଇ ତା'ର କାର୍ଯ୍ୟାରମ୍ଭ କରିବ ।

***୬.୪ ରହିଥିବା ପର୍ଯ୍ୟଟନ ଅନୁଷ୍ଠାନର ସଂପ୍ରସାରଣ:*** ଅଭିପ୍ରେତ ତାରିଖ ପରେ ଯେଉଁ ପର୍ଯ୍ୟଟନ ଅନୁଷ୍ଠାନଗୁଡ଼ିକ ସେମାନଙ୍କ କ୍ଷମତା/ଭିତ୍ତିଭୂମିର ୫୦ ପ୍ରତିଶତ ସଂପ୍ରସାରଣ କରିବେ । ନୀତି କାର୍ଯ୍ୟକାରୀ ହେଉଥିବା ଅବଧିରେ ସେପରି ପର୍ଯ୍ୟଟନ ଅନୁଷ୍ଠାନ କେବଳ ଗୋଟିଏ ସଂପ୍ରସାରଣ ପ୍ରକଳ୍ପ ନିମନ୍ତେ ରିହାତି/ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

***୬.୫ ବ୍ୟବସାୟିକ କାର୍ଯ୍ୟକଳାପ:*** ଉପଯୁକ୍ତ ପରୀକ୍ଷଣ, ନିୟମାନୁବର୍ତ୍ତୀତା ପାଳନ ଇତ୍ୟାଦି ପରେ ପର୍ଯ୍ୟଟନ ଅନୁଷ୍ଠାନଟି ତା'ର ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିବ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ପର୍ଯ୍ୟଟନ ବିଭାଗର ଜଣେ ପଦାଧିକାରୀ ଓ ସଂସ୍ଥାକୁ ସହାୟତା ଦେଇଥିବା ପ୍ରମୁଖ ବ୍ୟାଙ୍କର ଜଣେ ପ୍ରତିନିଧିଙ୍କୁ ନେଇ ଗଠିତ କମିଟି ଏହି ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ ତାରିଖକୁ ପ୍ରମାଣନ କରିବେ ।

***୬.୬ ଯୋଗ୍ୟ ପର୍ଯ୍ୟଟନ ଅନୁଷ୍ଠାନ:*** ନୂତନ ଭାବରେ ଗଠିତ ଓ ଆଗରୁ କାର୍ଯ୍ୟରତ କୌଣସି ପର୍ଯ୍ୟଟନ ଅନୁଷ୍ଠାନ ନୀତି କାର୍ଯ୍ୟକାରୀ ହେଉଥିବା ଅବଧି ମଧ୍ୟରେ ସଂପ୍ରସାରଣ କାର୍ଯ୍ୟ କରୁଥିଲେ ସେମାନେ ଯୋଗ୍ୟ ପର୍ଯ୍ୟଟନ ଅନୁଷ୍ଠାନ ଭାବରେ ପରିଗଣିତ ହେବେ ।

***୬.୭ ଆପାର୍ଟମେଣ୍ଟ ହୋଟେଲ୍:*** ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱୀକୃତ ପ୍ରଚଳିତ ନିର୍ଦ୍ଦେଶାବଳୀରେ ସୂଚିତ ସୁବିଧାଗୁଡ଼ିକ ରହିଥିବା ଆପାର୍ଟମେଣ୍ଟ ହୋଟେଲ ଏହି ପଦବାଚ୍ୟ ହେବେ । ସେମାନଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ପର୍ଯ୍ୟାୟସୂଚକ ପ୍ରମାଣପତ୍ର ରଖିବାକୁ ହେବ ।

***୬.୮ ତମ୍ବୁ ଦ୍ୱାରା ଆଚ୍ଛାଦିତ ଆବାସ:*** ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ସ୍ଥିରୀକୃତ ନିର୍ଦ୍ଦେଶାବଳୀରେ ସୂଚିତ ସୁବିଧା ରହିଥିବା ତମ୍ବୁ ଦ୍ୱାରା ଆଚ୍ଛାଦିତ ଆବାସ/ସ୍ଥଳଗୁଡ଼ିକ ସେହି ପ୍ରକାରେ ପରିଚିତ ହେବେ । ସେମାନଙ୍କୁ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ପର୍ଯ୍ୟାୟସୂଚକ ପ୍ରମାଣପତ୍ର ରଖିବାକୁ ହେବ ।

***୬.୯ ପର୍ଯ୍ୟଟନ ଓ ପରିଚର୍ଯ୍ୟା ତାଲିମ ପ୍ରତିଷ୍ଠାନ/ବିଶ୍ୱବିଦ୍ୟାଳୟ:*** ନିୟନ୍ତ୍ରକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରମାଣିତ/ସ୍ୱୀକୃତ ହୋଇ ଯେଉଁ ଅନୁଷ୍ଠାନଗୁଡ଼ିକ ପର୍ଯ୍ୟଟନ ଓ ପରିଚର୍ଯ୍ୟାଭିତ୍ତିକ ପାଠ୍ୟକ୍ରମ ଶିକ୍ଷା ଦେଉଥିବେ ସେଗୁଡ଼ିକୁ ଏହି ପରି ନାମିତ କରାଯିବ ।

***୬.୧୦ ବୃହତ୍ ପର୍ଯ୍ୟଟନ ଅନୁଷ୍ଠାନ:*** ଜମିର ମୂଲ୍ୟ ବ୍ୟତିରେକ ଯେଉଁ ପ୍ରକଳ୍ପଗୁଡ଼ିକରେ ୭୫ କୋଟି ଟଙ୍କା ବା ତଦୂର୍ଦ୍ଧ୍ୱ ବିନିଯୋଗ ହୋଇଥିବ ଓ ସେଗୁଡିକ ୧୫୦ରୁ ଅଧିକ ବ୍ୟକ୍ତିଙ୍କୁ ନୂତନ ନିଯୁକ୍ତି ଦେବା ପାଇଁ ସମର୍ଥ ଥିବେ, ସେଗୁଡ଼ିକୁ ବୃହତ୍ ପର୍ଯ୍ୟଟନ ଅନୁଷ୍ଠାନ ଭାବରେ ଗଣନା କରାଯିବ । ନୀତି କାର୍ଯ୍ୟକାରୀ ହେଉଥିବା ଅବଧି ମଧ୍ୟରେ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିବେ, ସେଗୁଡ଼ିକୁ ଏହି ପର୍ଯ୍ୟାୟରେ ସାମିଲ କରାଯିବ । ବୃହତ୍ ପର୍ଯ୍ୟଟନ ପ୍ରକଳ୍ପ ନିମନ୍ତେ ପର୍ଯ୍ୟଟନ ଉପଦେଷ୍ଟା କମିଟିର ଅନୁମୋଦନ ଆବଶ୍ୟକ ହେବ । ତେବେ ହୋଟେଲ, ରିସର୍ଟ, ମଲ୍‌ଟିପ୍ଲେକ୍ସ ଓ ମଲ୍‌ଗୁଡ଼ିକ ବୃହତ୍ ପର୍ଯ୍ୟଟନ ଅନୁଷ୍ଠାନ ଭାବରେ ପରିଗଣିତ ହେବେ ନାହିଁ ।

**୬.୧୧ ଥିମ୍ ପାର୍କ:** ଅନ୍ୟୂନ ୧୦ ହଜାର ବର୍ଗ ମିଟର (ପ୍ରାୟ ୨.୫ ଏକର) ପରିମିତ ସ୍ଥାନରେ ଗୋଟିଏ କିମ୍ବା ଏକାଧିକ ମୌଳିକ ଉଦ୍ଦେଶ୍ୟ ଆଧାରିତ ପାର୍କଗୁଡ଼ିକ ଏହି ନାମରେ ନାମିତ ହେବେ । ସେପରି ପାର୍କରେ ପ୍ରମୋଦ ନିମନ୍ତେ ଚଲାବୁଲା ଓ ଆରୋହଣ ସୁବିଧା, ଜଳଖିଆ, ଆବାସ (ଅନ୍ୟୂନ ୧୦ ବଖରା ଘର), ରେସ୍ତୋରାଁ, ଥିଏଟର, ଦୋକାନବଜାର, ଚଳାଚଳ କ୍ଷେତ୍ର ରହିବା ବାଞ୍ଛନୀୟ । ତେବେ ଏହି ସ୍ୱାତନ୍ତ୍ର୍ୟଗୁଡ଼ିକ ବାଧ୍ୟତାମୂଳକ ନୁହେଁ ।

**୬.୧୨ ହୋଟେଲ୍:** ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରଚଳିତ ନିର୍ଦ୍ଦେଶାବଳୀରେ ସୂଚିତ ସୁବିଧାଗୁଡ଼ିକ ଉପଲବ୍ଧ ହେଉଥିବା ୧ରୁ ୫ ତାରକା ପର୍ଯ୍ୟନ୍ତ ହୋଟେଲ୍‌ଗୁଡ଼ିକ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହେବେ । କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କଠାରୁ ଏମାନଙ୍କୁ ଶ୍ରେଣୀସୂଚକ ପ୍ରମାଣପତ୍ର ଆଣିବାକୁ ହେବ । ଏଗୁଡ଼ିକରେ ଅନ୍ୟୂନ ୨୦ଟି ପ୍ରକୋଷ୍ଠ ସହିତ ସଂଯୁକ୍ତ ସ୍ନାନାଗାର ରହିଥିବ । ପରିଦର୍ଶକମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ଭାବରେ ଶୌଚାଳୟ ସୁବିଧା ରହିଥିବ । ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ ଦ୍ୱାରା ଏପରି ହୋଟେଲମାନଙ୍କର ପ୍ରକୋଷ୍ଠ ଆୟତନ, ସ୍ନାନାଗାରର ଆକାର ତଥା ଶୀତତାପ ନିୟନ୍ତ୍ରିତ ସୁବିଧା ନେଇ ନିର୍ଦ୍ଧାରିତ ନିୟମାବଳୀ ରହିଛି ।

**୬.୧୩ ରିସର୍ଟ:** ରିସର୍ଟ ପ୍ରକଳ୍ପଗୁଡ଼ିକରେ ଅନ୍ୟୂନ ୨୦ଟି ପ୍ରକୋଷ୍ଠ ଓ ସଂଯୁକ୍ତ ସ୍ନାନାଗାର ରହିଥିବା ଆବଶ୍ୟକ । ତେବେ ପର୍ଯ୍ୟଟନ ବିଭାଗର ମତ ଅନୁସାରେ, ଏହି ରିସର୍ଟ ଶୈଳନିବାସ ସ୍ଥାନ, ବେଳାଭୂମି କିମ୍ବା ବାତାନୁକୂଳ ସୁବିଧା ଆବଶ୍ୟକ କରୁନଥିବା ସ୍ଥାନରେ ରହିଥିଲେ ମଧ୍ୟ ଅନ୍ୟୂନ ୩୫ ପ୍ରତିଶତ ପ୍ରକୋଷ୍ଠରେ ବାତାନୁକୂଳ ସୁବିଧା ରହିବା ବାଞ୍ଛନୀୟ । ସ୍ନାନାଗାରଗୁଡ଼ିକର ଭିତର କ୍ଷେତ୍ରଫଳ ଅନ୍ୟୂନ ୩.୫ ବର୍ଗମିଟର ହେବା ଆବଶ୍ୟକ । ଅନ୍ୟୂନ ୪୦ ବର୍ଗ ମିଟର ପରିମିତ ସ୍ଥାନକୁ ନେଇ ଅତିକମ୍‌ରେ ୪୦ ଜଣ ବ୍ୟକ୍ତି ବସିପାରିବା ଭଳି ଏଗୁଡ଼ିକର ଭୋଜନାଗାର/ରେସ୍ତୋରାଁ ରହିଥିବା ଆବଶ୍ୟକ । ଏସ୍.ଟି.ଡି ସୁବିଧା ଥିବା ଟେଲିଫୋନ୍ ବ୍ୟବସ୍ଥା ମଧ୍ୟ ରହିବା ଦରକାର । ଅନ୍ୟୂନ ୧୦ ହଜାର ବର୍ଗ ମିଟର ପରିମିତ ଅଞ୍ଚଳରେ ରିସର୍ଟଟି ଅବସ୍ଥିତ ହୋଇଥିବା ଲୋଡ଼ା । ସେଥିରେ ୬ ହଜାର ବର୍ଗମିଟରର କୌଣସି ନିର୍ମାଣ କାର୍ଯ୍ୟ ହୋଇଥିବା ଖୋଲା ସ୍ଥାନ ଆବଶ୍ୟକ । ନିମ୍ନଲିଖିତ ସୁବିଧାଗୁଡ଼ିକ ମଧ୍ୟରୁ ଏଗୁଡ଼ିକର ଅନ୍ୟୂନ ଚାରୋଟି ସୁବିଧା ରହିଥିବା ବାଞ୍ଛନୀୟ ।

* ଇନ୍‌ଡୋର ଖେଳ ସୁବିଧା
* ସମ୍ମିଳନୀ ଗୃହ
* ସନ୍ତରଣାଗାର
* ଟେନିସ୍ କିମ୍ବା ବ୍ୟାଡ୍‌ମିଣ୍ଟନ୍ କିମ୍ବା ଗଲ୍ଫ କିମ୍ବା ଅନୁରୂପ ଖେଳ ପାଇଁ ସ୍ଥାନର ସୁବିଧା
* ଗୋଟିଏ ହେଲ୍‌ଥ କ୍ଲବ୍
* ବାରଣ୍ଡା/ବୈଠକୀ ସ୍ଥାନର ସୁବିଧା

**୬.୧୪ ହେଲଥ୍ ଫାର୍ମ:** ବିଶେଷ ଭାବରେ ପ୍ରଦୂଷଣ ଓ ହୋହାଲ୍ଲାରୁ ମୁକ୍ତ, ସାଧାରଣ ଭାବରେ ସ୍ୱାସ୍ଥ୍ୟପ୍ରଦ ଓ ଶରୀର ଅନୁକୂଳ ପରିବେଶରେ ହେଲ୍‌ଥ ଫାର୍ମ ସ୍ଥାପିତ ହେବା ଆବଶ୍ୟକ । ଏସବୁରେ ଅନ୍ୟୂନ ୨୦ଟି ପ୍ରକୋଷ୍ଠ ଓ ସଂଯୁକ୍ତ ସ୍ନାନାଗାର ରହିବା ବାଞ୍ଛନୀୟ । ଏସବୁରେ ନିମ୍ନୋଲ୍ଲିଖିତ ସୁବିଧାଗୁଡ଼ିକ ମଧ୍ୟରୁ ଅନ୍ୟୂନ ୬ଟି ରହିବା ବିଧେୟ ।

* ହେଲ୍‌ଥ କ୍ଲବ୍
* ଜିମ୍‌ନାସିୟମ୍
* ଯୋଗ/ଧ୍ୟାନ ସ୍ଥାନ
* ବହିରାଞ୍ଚଳରେ ବ୍ୟାୟାମ ସ୍ଥାନ

* ଇନ୍‌ଡୋର ଖେଳ
* ଆଉଟ୍‌ଡୋର ଖେଳ
* ସନ୍ତରଣାଗାର
* ଶ୍ରେଣୀକକ୍ଷ
* ଦୌଡ଼ ପାଇଁ ରାସ୍ତା
* ଅଶ୍ୱାରୋହଣ ସୁବିଧା

ହେଲ୍‌ଥ ଫାର୍ମରେ ଫଳ, ପନିପରିବା, ଔଷଧୀୟ ଗୁଳ୍ମ ଓ ବିଭିନ୍ନ ଶସ୍ୟ ଉତ୍ପାଦନ ନିମନ୍ତେ ସ୍ଥାନ(ପ୍ରତ୍ୟେକ ଅନ୍ୟୂନ ୫୦୦ ବର୍ଷ ମିଟର ସ୍ଥାନରେ) ରହିବ । ଅନ୍ୟୂନ ୫୦୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ହେଲ୍‌ଥ ଫାର୍ମ ରହିବା ଆବଶ୍ୟକ ।

**୬.୧୫. ଢାବା(ମୋଟେଲ୍) ଏବଂ ପଥପାର୍ଶ୍ୱ ସୁବିଧାସୁଯୋଗ:** ଢାବା(ମୋଟେଲ୍) ଜାତୀୟ ରାଜପଥ, ରାଜ୍ୟ ରାଜପଥ କିମ୍ବା ଜିଲ୍ଲାର ପ୍ରଧାନ ସଡ଼କ ପାର୍ଶ୍ୱରେ ରହିଥିବା ଆବଶ୍ୟକ । ପ୍ରତ୍ୟେକରେ ଅନ୍ୟୂନ ୪ଟି ପ୍ରକୋଷ୍ଠ ଓ ସଂଲଗ୍ନ ସ୍ନାନାଗାର ରହିବା ବାଞ୍ଛନୀୟ । ଅନ୍ୟୂନ ୧୫୦୦ ବର୍ଗମିଟର ପରିମିତ ସ୍ଥାନରେ ଏସବୁ ସ୍ଥାପନ କରାଯାଇପାରିବ । ରୋଷଶାଳ ଓ ଭଣ୍ଡାରଘର ବ୍ୟତିରେକ ଏଗୁଡ଼ିକର ଅନ୍ୟୂନ ୩୦ ବର୍ଗମିଟର ପରିମିତ ସ୍ଥାନସମ୍ବଳିତ ରେସ୍ତୋଁରା/ଭୋଜନାଳୟ ରହିଥିବ । ଦୁଇ ଶଯ୍ୟାବିଶିଷ୍ଟ ଓ ଗୋଟିଏ ଶଯ୍ୟାବିଶିଷ୍ଟ ପ୍ରକୋଷ୍ଠର ଭିତର ଆୟତନ ଯଥାକ୍ରମେ ୧୬ ଓ ୧୦ ବର୍ଗମିଟର ହେବା ଦରକାର । ସ୍ନାନାଗାରଗୁଡ଼ିକର ଭିତର ଆୟତନ ଅନ୍ୟୂନ ୩ ବର୍ଗମିଟର ହେବା ବିଧେୟ । ସେଠାରେ ଜନସାଧାରଣଙ୍କ ପାଇଁ ଶୌଚାଳୟ ଓ ପ୍ରାଥମିକ ଚିକିତ୍ସା ସୁବିଧା ରହିବ । ପ୍ରତି ପ୍ରକୋଷ୍ଠ ନିମନ୍ତେ ୫ ବର୍ଗମିଟର ପରିମିତ ଯାନରଖିବା ସ୍ଥାନ ଆବଶ୍ୟକ । ପ୍ରକୋଷ୍ଠଗୁଡ଼ିକରେ ଯଥେଷ୍ଟ ଭାବରେ ଆସବାବପତ୍ର ଓ ବିଛଣାପତ୍ର ରଖାଯିବା ଉଚିତ । ଜମିଜମାର ଲିଜ୍/ମାଲିକାନା ତଥା ଜମିର ବ୍ୟବହାର ଶୃଙ୍ଖଳିତ ହୋଇଥିବା ଦରକାର ।

ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଜିଲ୍ଲାର ପ୍ରମୁଖ ସଡ଼କ ପାର୍ଶ୍ୱରେ ରାସ୍ତାପାର୍ଶ୍ୱ ସୁବିଧାକେନ୍ଦ୍ର କରାଯାଇପାରିବ । ସେସବୁରେ ଖାଦ୍ୟ ପଦାର୍ଥ ଉପଲବ୍ଧ ସ୍ଥାନ, ସର୍ବସଧାରଣ ଚଳାଚଳ, ଏଟିଏମ୍/ବ୍ୟାଙ୍କିଂ ସୁବିଧା, ଆପଦକାଳୀନ/ସ୍ୱାସ୍ଥ୍ୟସେବା ସୁବିଧା, ଯୋଗାଯୋଗ କେନ୍ଦ୍ର, ପେଟ୍ରୋଲ ଫିଲିଂ ଷ୍ଟେସନ୍ ଓ ଯାନବାହନ ମରାମତି ସୁବିଧା ଇତ୍ୟାଦି ରହିବା ବାଞ୍ଛନୀୟ ।

**୬.୧୬. ଜଳକ୍ରୀଡା:** କୌଣସି ବେଳାଭୂମି, ହ୍ରଦକୂଳ କିମ୍ବା ନଦୀକୂଳରେ ଭାସମାନ ସେତୁ/ଜେଟି ସହିତ ଜଳକ୍ରୀଡ଼ା ପ୍ରକଳ୍ପ ସ୍ଥାପିତ ହେବା ଆବଶ୍ୟକ । ପ୍ରକଳ୍ପରେ ଅନ୍ୟୂନ ଦୁଇଟି ଜଳକ୍ରୀଡ଼ା ବ୍ୟବସ୍ଥା ରହିବା ବିଧେୟ । ଏପରି ପ୍ରକଳ୍ପରେ ନୌକା ଓ ମୋଟରଚାଳିତ ଯନ୍ତ୍ରପାତି ସମେତ ଅନ୍ୟୂନ ୨୦ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବାଞ୍ଛନୀୟ । ପ୍ରକଳ୍ପରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ଫୁଆରା, ଲକର ସମେତ ପୃଥକ ଭାବରେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଶୌଚାଗାର ସ୍ଥାନ ରହିଥିବା ଆବଶ୍ୟକ । ସୁରକ୍ଷା ନିୟମାବଳୀ ଅନୁପାଳନ ନିମନ୍ତେ ପ୍ରକଳ୍ପରେ ତାଲିମପ୍ରାପ୍ତ କର୍ମଚାରୀ ରହିବା ଆବଶ୍ୟକ ।

**୬.୧୭. ନୌକାଗୃହ:** ଜଳଭଣ୍ଡାର, ହ୍ରଦ କିମ୍ବା ନଦୀକୂଳ ଅଞ୍ଚଳରେ ନୌକାଗୃହ ରହିପାରିବ । ତେବେ ଏସବୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଚିହ୍ନଟ ହେବା ଆବଶ୍ୟକ । ମୋଟର ଚାଳିତ ଡଙ୍ଗାରେ ଅନ୍ୟୂନ ଗୋଟିଏ ପ୍ରକୋଷ୍ଠ ଓ ଭୋଜନାଳୟର ସୁବିଧା ଥିବା ଆବଶ୍ୟକ । କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱୀକୃତ ସୁରକ୍ଷା ନିର୍ଦ୍ଦେଶାବଳୀର ଅନୁପାଳନ ଆବଶ୍ୟକ । ନୌକାଗୃହ ପ୍ରକଳ୍ପରେ ଭାସମାନ ସେତୁ, ଜେଟି, ପାର୍କିଂ ସ୍ଥଳ ଇତ୍ୟାଦି ଭିତ୍ତିଭୂମିଗତ ସୁବିଧା ରହିଥିବା ଆବଶ୍ୟକ । ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ ଅନୁପାଳନ ନିମନ୍ତେ ପ୍ରକଳ୍ପରେ ତାଲିମପ୍ରାପ୍ତ କର୍ମଚାରୀ ରହିବା ବାଞ୍ଛନୀୟ ।

**୬.୧୮. କଳା ଓ କାରୁକଳା ଗ୍ରାମ:** ଏହି ପ୍ରକଳ୍ପ ନିମନ୍ତେ ଅନ୍ୟୂନ ଗୋଟିଏ ଏକର ଜମି ଲୋଡ଼ା । ସେଥିରେ ଅତି କମ୍‌ରେ ୧୦ ଜଣ ଶିଳ୍ପୀ କାର୍ଯ୍ୟକରିବା ଭଳି ସ୍ଥାନ, ଅନ୍ୟୂନ ୧୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରଦର୍ଶନୀ ବ୍ୟବସ୍ଥା,

ଲୋକକଳା, ଅନ୍ୟାନ୍ୟ ପ୍ରଦର୍ଶନ କଳା ଓ ଚଳଚ୍ଚିତ୍ର ପ୍ରଦର୍ଶନ ହୋଇପାରିବା ଭଳି ଗୃହର ବ୍ୟବସ୍ଥା ରହିବା ଆବଶ୍ୟକ । ପ୍ରକଳ୍ପରେ ଗୋଟିଏ ରେସ୍ତୋରାଁ ଓ ଶୌଚାଳୟ ବ୍ୟବସ୍ଥା ରହିଥିବ ।

**୬.୧୯. ଗଲ୍ଫ କୋର୍ସ:** ଏହି ପ୍ରକଳ୍ପ ପାଇଁ ଅନ୍ୟୂନ ୧୦ ହେକ୍ଟର ଜାଗା ଦରକାର । ଗଲଫ୍ କୋର୍ସରେ ଅନ୍ୟୂନ ୧୦ଟି ଗର୍ତ୍ତ ଥିବ । ପାଣି ଯେପରି ଜମି ନରହିବ ସେଥି ପ୍ରତି ବ୍ୟବସ୍ଥା ହେବା ଆବଶ୍ୟକ । ଜଳଯୋଗାଣର ପର୍ଯ୍ୟାପ୍ତ ସୁବିଧା ରହିବା ବାଞ୍ଛନୀୟ । ଏଠାରେ ଏକ କ୍ଲବ ଗୃହ ରହିବ । ଗଲ୍ଫ କ୍ଲବ୍‌ର ସଦସ୍ୟ ହୋଇନଥିବା ପର୍ଯ୍ୟଟକମାନେ ସେଠାକୁ ଯାଇ ଖେଳି ପାରୁଥିବେ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇପାରୁଥିବେ । ସେ ବାବଦରେ ଆଦାୟ କରାଯାଉଥିବା ପ୍ରଦେୟ ନେଇ ସ୍ୱଚ୍ଛତା ରହିବା ଦରକାର । ଅନ୍ୟୂନ ୫୦ଟି ଯାନ ରହିପାରିବା ଭଳି ସ୍ଥାନ ଓ ପରିଚ୍ଛନ୍ନ ଶୌଚାଳୟ ସୁବିଧା ଥିବା ଆବଶ୍ୟକ ।

**୬.୨୦. ଶିବିର ଓ ତମ୍ବୁ ସୁବିଧା:** ଏସବୁ ୧୦୦୦ ବର୍ଗ ମିଟର ମଧ୍ୟରେ ହେବ । ଅନ୍ୟୂନ ୨୦ ଜଣଙ୍କ ନିମନ୍ତେ ତମ୍ବୁ ପ୍ରସ୍ତୁତ କରାଯିବ । ଅତି କମ୍‌ରେ ୧୦ଟି ତମ୍ବୁ ରହିବ । ପ୍ରତି ତମ୍ବୁ ଗୃହରେ ମଞ୍ଚ ପରି ଏକ ଆସନ ସ୍ଥଳ ପ୍ରସ୍ତୁତ ହେବ । ସେସବୁରେ ଖାଇବା ସୁବିଧା, ମନୋରଞ୍ଜନ, ପରିବେଶ, ଅବସର ବିନୋଦନ ଓ ଲକର ସୁବିଧା ରହିବା ଆବଶ୍ୟକ । ଜଳଯୋଗାଣ ଓ ଶୌଚାଳୟର ସୁବିଧା ଥିବା ଦରକାର । ପର୍ଯ୍ୟଟକମାନେ ନିଜର ତମ୍ବୁ ନେଇ ଭ ପର୍ଯ୍ୟଟକମାନଙ୍କୁ ଉପଲବ୍ଧ ହେବ ।

**୬.୨୧. ପ୍ରମୋଦ ଉଦ୍ୟାନ:** ଏପରି ପ୍ରକଳ୍ପରେ ଅନ୍ୟୂନ ଆଠଟି ବିଭାଗ ରହିବ । ପ୍ରକଳ୍ପରେ ଅତି କମ୍‌ରେ ୫୦ ଲକ୍ଷ ଟଙ୍କା ବିନିଯୋଗ ହେବ । ଏଥି ପାଇଁ ଅନ୍ୟୂନ ୨୦ ହଜାର ହେକ୍ଟର ଜମି ଆବଶ୍ୟକ ।

**୬.୨୨. ମତ୍ସ୍ୟାଗାର:** ୧୦୦ଟି କ୍ୟୁବିକ୍ ମିଟର ଜାଗା ଆବଶ୍ୟକ । ମତ୍ସ୍ୟାଗାରରେ ଅତି କମ୍‌ରେ ୧୦ଟି ପ୍ରଜାତିର ପ୍ରଦର୍ଶନ ହୋଇପାରୁଥିବ । ପରିଚାଳନା ଓ କାର୍ଯ୍ୟାନ୍ୱୟନ ନିମନ୍ତେ ତାଲିମପ୍ରାପ୍ତ କର୍ମଚାରୀ ରହିବେ । ମତ୍ସ୍ୟାଗାର ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ । ସେଠାରେ ରେସ୍ତୋଁରା, ଯଥେଷ୍ଟ ପାର୍କିଂ ଓ ପୃଥକ ଶୌଚାଳୟର ବ୍ୟବସ୍ଥା ରହିବ ।

**୬.୨୩. ଜଳ ଉଦ୍ୟାନ:** ଅତି କମ୍‌ରେ ୫ ଏକର ଜାଗା ଓ ୫ଟି ଜଳାଶୟ ରହିଥିବ । ଶହେ ପ୍ରକାରର ସ୍ଲାଇଡ୍ ପ୍ରଦର୍ଶନ ପାଇଁ ଅନୁଷ୍ଠାନାଳୀନ ସୁବିଧା ଥିବ । ସୁରକ୍ଷା ନିୟମାନୁବର୍ତ୍ତିତା ପାଇଁ ତାଲିମ୍‌ପ୍ରାପ୍ତ ନିରୀକ୍ଷକମାନେ ରହିଥିବେ । ପରିଧାନ ପରିବର୍ତ୍ତନ ପାଇଁ ଗୃହ, ରେସ୍ତୋଁରା, ଲକର, ଜଳଫୁଆରା ଓ ପୁରୁଷ ତଥା ମହିଳାଙ୍କ ନିମନ୍ତେ ପୃଥକ୍ ଶୌଚାଳୟ ସୁବିଧା ରହିଥିବ ।

**୬.୨୪. ରୋପ୍ ୱେ:** ରୋପ୍ ୱେ ସାଧାରଣ ଭାବରେ ଯାନ୍ତ୍ରିକ ତଥା ମୋଟରଚାଳିତ ହେବା ବାଞ୍ଛନୀୟ । ୫୦୦ ମିଟର ଉଚ୍ଚତାରେ ରହିବା ଶ୍ରେୟସ୍କର । ଶବ୍ଦପ୍ରଦୂଷଣ ନଥିବ ମାତ୍ର ଯାତ୍ରୀମାନଙ୍କ ନିମନ୍ତେ ଏହା ଆରାମଦାୟକ ହୋଇଥିବା ଦରକାର । ଘଣ୍ଟାକେ ତାହା ଅନ୍ୟୂନ ୨୦୦ ଯାତ୍ରୀ ପରିବହନ କରୁଥିବ । କ୍ୟାବିନ୍‌ଗୁଡ଼ିକ ଏପରି ହୋଇଥିବ ଯେପରି ଲଗାତାର ପରିବହନ ହୋଇପାରୁଥିବ ଓ ଅପେକ୍ଷା କରିବାକୁ ଅଧିକ ସମୟ ଲାଗିବ ନାହିଁ । ସାଧାରଣ ବ୍ରେକ୍ ବ୍ୟତିରେକ ଏଥିରେ ଅତିରିକ୍ତ ବ୍ରେକ୍ ରହିଥିବ । ବିଦ୍ୟୁତ ଶକ୍ତି ବ୍ୟାହତବେଳେ କାର୍ଯ୍ୟ କରିବାକୁ ଏହାର ଜେନେରେଟର ରହିଥିବା ଆବଶ୍ୟକ । ସମସ୍ତ ସୁବିଧା ନିରାପତ୍ତା ନିୟମାବଳୀ ଅନୁସାରେ କରାଯାଉଥିବ ।

**୬.୨୫.ଐତିହ୍ୟ ହୋଟେଲ୍:** କୌଣସି ରାଜପ୍ରାସାଦ, ପୁରୁଣା କୋଠା, କୌଣସି ପ୍ରାସାଦର ଦରବାର ଗୃହ କିମ୍ବା ୧୯୫୦ ପୂର୍ବବର୍ତ୍ତୀ ପାରମ୍ପରିକ ଆବାସ ଐତିହ୍ୟ ହୋଟେଲ୍ ହୋଇପାରିବ । ପାରମ୍ପରିକ ସାଜସଜ୍ଜା, ବିଶେଷତ୍ୱ, ସାଧାରଣ ନିର୍ମାଣଶୈଳୀ ଓ ସ୍ଥାପତ୍ୟ ସ୍ୱାତନ୍ତ୍ର୍ୟ ରହିଥିବ । ଭଡ଼ାସୂତ୍ରରେ ଦିଆଯିବା ପାଇଁ ସେସବୁରେ ଅନ୍ୟୂନ ୧୦ଟି ପ୍ରକୋଷ୍ଠ ରହିଥିବ । ସମୟାନୁକ୍ରମେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟର ସ୍ୱୀକୃତ ନିୟମାବଳୀ ଅନୁସାରେ ସୁବିଧା ଓ ସେବା ଉପଲବ୍ଧି ହେଉଥିବ ।

**୬.୨୬. ଅଧିବେଶନ କେନ୍ଦ୍ର:** ଅନ୍ୟୂନ ୫୦୦ ବର୍ଗମିଟର ପରିମିତ ଅଞ୍ଚଳରେ ସ୍ଥାପନ କରାଯାଇଥିବ । ୭୫୦ ଲୋକ ବସିବାର ବ୍ୟବସ୍ଥା ରହିଥିବ । ସାଧାରଣତଃ ୫ଟି ସଭା ଅନୁଷ୍ଠାନାଳୀନ ଅନୁଷ୍ଠିତ ହେବା ଭଳି ପୃଥକୀକରଣ ସୁବିଧା ରହିଥିବ ।

ଶତକଡ଼ା ୭୫ ଭାଗ ସ୍ଥାନ ବାତାନୁକୂଳ ହେବା ବାଞ୍ଛନୀୟ । ପାର୍କିଂ ସୁବିଧା ରହିବା ଦରକାର । ସବୁଠାରେ ଆଧୁନିକ ଦୃଶ୍ୟଶ୍ରାବ୍ୟ ବ୍ୟବସ୍ଥା, ସ୍ଲାଇଡ୍ ପ୍ରୋଜେକ୍ଟର ବ୍ୟବସ୍ଥା, ଭିଡ଼ିଓ ସ୍କ୍ରିନିଂ ସୁବିଧା ରହିଥିବ । ଫାକ୍ସ, ଇ-ମେଲ୍, ଫଟୋକପି ସୁବିଧା ପରି ଦାପ୍ତରିକ ବନ୍ଦୋବସ୍ତ ରହିଥିବ । ପ୍ରାଥମିକ ଚିକିତ୍ସା ଉପଲବ୍ଧ ହେଉଥିବ । ଅନୁଷ୍ଠାନାଳୀନ ୫୦୦ ଲୋକଙ୍କ ସୁବିଧା ନିମନ୍ତେ ରେସ୍ତୋରାଁ, କେଫ୍ ଇତ୍ୟାଦି ରହିଥିବ । ସ୍ୱତନ୍ତ୍ର ରୋଷଶାଳ ରହିଥିବ ।

**୬.୨୭. ଦଳଗତ ପର୍ଯ୍ୟଟନ:** ଏହା ସାଧାରଣ ଭାବରେ ଯାନକୈନ୍ଦ୍ରିକ ଓ ମୋଟରଚାଳିତ ହେବା ବିଧେୟ । ଅନୁଷ୍ଠାନାଳୀନ ୩୦ ଜଣ ଏହି ସୁବିଧା ଜରିଆରେ ପର୍ଯ୍ୟଟନରେ ଯାଇପାରୁଥିବେ । ବର୍ଷକୁ ତିନିମାସ ନିମନ୍ତେ ଏହା ସଂଗଠିତ ହୋଇପାରୁଥିବ । ପର୍ଯ୍ୟଟନ ନିର୍ଦ୍ଦେଶାଳୟର ଅନୁମତି ପ୍ରାପ୍ତିର ତିନିମାସ ମଧ୍ୟରେ ଏହାର ଆୟୋଜନ ଆବଶ୍ୟକ ।

**୬.୨୮. ଦୁଃସାହସିକ ପର୍ଯ୍ୟଟନ ପ୍ରକଳ୍ପ:** ଏଥିପାଇଁ ଆବଶ୍ୟକୀୟ ଉପକରଣ ଓ ତାଲିମପ୍ରାପ୍ତ କର୍ମଚାରୀ ଆବଶ୍ୟକ । ବିଭିନ୍ନ କର୍ତ୍ତୃପକ୍ଷଙ୍କ ଅନୁମତି ସର୍ବାଦୌ ଆବଶ୍ୟକ । ଦରକାର ଅନୁସାରେ ରେସ୍ତୋରାଁ ସୁବିଧା, ପାନୀୟ ଜଳ ବ୍ୟବସ୍ଥା, ରହଣି ସୁବିଧା ରହିଥିବା ଆବଶ୍ୟକ ।

**୬.୨୯.ସ୍ୱାସ୍ଥ୍ୟ ପର୍ଯ୍ୟଟନ:** ବିଦେଶୀ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡିକରେ ଚିକିତ୍ସା କିମ୍ବା ପରବର୍ତ୍ତୀ ସେବା ପାଇଁ ଆସିଥିବାବେଳେ ସ୍ୱାସ୍ଥ୍ୟସଂସ୍ଥା କିମ୍ବା ସଂପୃକ୍ତ ପ୍ରତିଷ୍ଠାନଗୁଡ଼ିକ ଏଥିପାଇଁ ରିହାତି ପାଇବେ । ସେମାନେ ଏ ଦିଗରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବେ ।

## ୭. ହସ୍ତକ୍ଷେପ

### ନୂତନ ନିବେଶ

ସରକାରୀ ଓ ଘରୋଇ ଉଦ୍ୟୋଗ ସହିତ ସଂଯୁକ୍ତ ହୋଇ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ନିମନ୍ତେ ପର୍ଯ୍ୟଟନ ନୀତିରେ ବ୍ୟବସ୍ଥା ରହିଛି । ଏହି କ୍ଷେତ୍ରରେ ଘରୋଇ ଉଦ୍ୟୋଗର ପୁଞ୍ଜିନିବେଶ ନିମନ୍ତେ ଆକର୍ଷଣୀୟ ରିହାତି ବନ୍ଦୋବସ୍ତ ରହିଛି । ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶାବଳୀ, ମାର୍ଗଦର୍ଶିକା ଇତ୍ୟାଦି ଆଧାରରେ ଏସବୁ ରିହାତି ଓ ପ୍ରୋତ୍ସାହନ ଇତ୍ୟାଦି ନିର୍ଦ୍ଧାରିତ ହେବ ।

**ଜମି ବ୍ୟାଙ୍କ:** ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭୂମି ଉନ୍ନତ ଅବସ୍ଥାରେ ରଖିଛନ୍ତି । ବିଭିନ୍ନ ପ୍ରକଳ୍ପ ନିମନ୍ତେ ଏହି ଜମିସବୁ ସାଧାରଣ ପ୍ରଶାସନ ବିଭାଗ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନ ଜରିଆରେ ଚିହ୍ନିତ ହୋଇ ରହିଛି ଓ ଏସବୁକୁ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ସଂରକ୍ଷିତ ରଖାଯାଇଛି ।

**୭.୨.୧. ଜମି ସୁପାରିଶ କମିଟି:** ଜମି ବ୍ୟାଙ୍କରୁ ଜମି ପ୍ରଦାନ ନିମନ୍ତେ ଏକ ସୁପାରିଶ କମିଟି ଗଠନ କରାଯାଇଛି । ଏହାର ବୈଠକ ଅନ୍ୟୂନ ତିନିମାସରେ ଥରେ ବସିବ । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ପର୍ଯ୍ୟଟନ ବିଭାଗ ସଚିବ ସଦସ୍ୟ ଆବାହକ ରହିଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସଂପୃକ୍ତ ରାଜସ୍ୱ ଆୟୁକ୍ତ, ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ ଅଧ୍ୟକ୍ଷ-ପରିଚାଳନା ନିର୍ଦ୍ଦେଶକ, ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଦସ୍ୟ ରହିବେ ଓ ପର୍ଯ୍ୟଟନ ନିର୍ଦ୍ଦେଶାଳୟ ଏହି କମିଟିର ସଚିବାଳୟ ହିସାବରେ କାର୍ଯ୍ୟ କରିବ ।

**୭.୩. ମାନବ ସଂସାଧନ ବିକାଶ/ଦକ୍ଷତା ବୃଦ୍ଧି:** ପର୍ଯ୍ୟଟନ ନୀତିରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ପର୍ଯ୍ୟଟନ ଶିଳ୍ପ ସହ ସଂପୃକ୍ତ ସମସ୍ତ ଭାଗୀଦାରଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ସୁଗମ ଓ ସଶକ୍ତ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଆତିଥ୍ୟ ଓ ପରିଚର୍ଯ୍ୟା କ୍ଷେତ୍ରରେ ତାଲିମପ୍ରାପ୍ତ ମାନବ ସମ୍ବଳ ସୃଷ୍ଟି ଏହାର ଲକ୍ଷ୍ୟ । ନୂତନ ହୋଟେଲ ପରିଚାଳନା ପ୍ରତିଷ୍ଠାନ ଖୋଲିବା, ଶିଳ୍ପ ତାଲିମ ପ୍ରତିଷ୍ଠାନ କିମ୍ବା ପଲିଟେକ୍‌ନିକ୍‌ମାନଙ୍କରେ ପର୍ଯ୍ୟଟନ ବିଷୟକ ପାଠ୍ୟକ୍ରମ ପ୍ରଚଳନ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

**୭.୪. ସୁରକ୍ଷା ଓ ନିରାପତ୍ତା:** ପର୍ଯ୍ୟଟନ ବିଭାଗ କେତେକ ପର୍ଯ୍ୟଟନସ୍ଥଳୀରେ ସ୍ୱତନ୍ତ୍ର ପର୍ଯ୍ୟଟନ ପୋଲିସ ଥାନା ପ୍ରତିଷ୍ଠା ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀମାନଙ୍କରେ ଉତ୍ସର୍ଗୀକୃତ ପୋଲିସ ଥାନା ପ୍ରତିଷ୍ଠା କରିଛି । ନିରାପଦ ପର୍ଯ୍ୟଟନ ନିଶ୍ଚିତ କରିବା

ନିମନ୍ତେ ଅଧିକ ପୋଲିସ୍ ଥାନା ପ୍ରତିଷ୍ଠା, ପ୍ରମୁଖ ପର୍ଯ୍ୟଟନସ୍ଥଳୀମାନଙ୍କରେ ଉତ୍ସର୍ଗୀକୃତ ପୋଲିସ କର୍ମଚାରୀ ନିୟୋଜନ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସମନ୍ୱୟ ରକ୍ଷାପୂର୍ବକ ବେଳାଭୂମିରେ ଜୀବନ ରକ୍ଷାକାରୀ ସହାୟକ ନିଯୁକ୍ତି ଇତ୍ୟାଦି ଏପରି ସୁରକ୍ଷା ଓ ନିରାପତ୍ତା ଯୋଜନାର ଅନ୍ତର୍ଭୁକ୍ତ । ପର୍ଯ୍ୟଟନସ୍ଥଳୀମାନଙ୍କରେ ମହିଳା ଓ ଶିଶୁମାନଙ୍କ ପ୍ରତି ଦୁର୍ବ୍ୟବହାର ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସେପରି ଦୁର୍ବ୍ୟବହାର ଓ ଶୋଷଣ ବିରୋଧରେ ପର୍ଯ୍ୟଟନ ବିଭାଗ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କ ସହଯୋଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ନୀତିରେ ଦର୍ଶାଯାଇଛି ।

**୭.୫. ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପରିଚ୍ଛନ୍ନତା ଅଭିଯାନ:** ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପରିଷ୍କାର ପରିଚ୍ଛନ୍ନତା ନିମନ୍ତେ ପର୍ଯ୍ୟଟନ ବିଭାଗ ଅଭିଯାନ ଆରମ୍ଭ କରିବ । ବେଳାଭୂମି ପରିଚ୍ଛନ୍ନତା ପାଇଁ ସେହି କ୍ଷେତ୍ରରେ ରହିଥିବା ଅଭିଜ୍ଞ ଖ୍ୟାତନାମା ବ୍ୟକ୍ତିମାନଙ୍କୁ ନେଇ ପର୍ଯ୍ୟଟନ ବିଭାଗ 'ବେଳାଭୂମି ପରିଚ୍ଛନ୍ନତା କର୍ତ୍ତୃପକ୍ଷ' ଗଠନ କରିବ । ପର୍ଯ୍ୟଟନ ଶିଳ୍ପର ବିଭିନ୍ନ ଅଂଶୀଦାରମାନଙ୍କ ସହଯୋଗ ତଥା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ମାଧ୍ୟମରେ ଏହି ଅଭିଯାନ ସଂପନ୍ନ ହେବ । ଓଡ଼ିଶାର ବେଳାଭୂମିଗୁଡ଼ିକ ଅତ୍ୟନ୍ତ ପ୍ରସିଦ୍ଧ ଓ ସେଗୁଡ଼ିକୁ ଅତ୍ୟନ୍ତ ସୁନ୍ଦର କରି ପର୍ଯ୍ୟଟକମାନଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ପର୍ଯ୍ୟଟନ ବିଭାଗ ଉଦ୍ୟମ କରିବ ।

### ୭.୬. ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓ.ଟି.ଡି.ସି)

* ପର୍ଯ୍ୟଟନର ପ୍ରସାର ନିମନ୍ତେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଆଧୁନିକୀକରଣ ସହ ତାହାକୁ ସଶକ୍ତ କରାଯିବ ।
* ଓଡ଼ିଶାକୁ ଏକ ଲୋକପ୍ରିୟ ଓ ସର୍ବୋତ୍ତମ ପସନ୍ଦର ଗନ୍ତବ୍ୟସ୍ଥଳ ଭାବରେ ଗଢ଼ି ତୋଳିବା ଓ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଉଦ୍ୟମ କରାଯିବ ।
* ବେସରକାରୀ-ଘରୋଇ ଭାଗୀଦାରୀରେ ଗୁଣାତ୍ମକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ ।
* ରାଜ୍ୟରେ ପର୍ଯ୍ୟଟନ ବିକାଶ ନିମନ୍ତେ ନିଗମକୁ ଏକ ସୁବିଧାକାରୀ ସଂସ୍ଥା ଭାବରେ ଗଢ଼ି ତୋଳାଯିବ ।
* ବର୍ତ୍ତମାନ ରହିଥିବା ସମ୍ପଳଗୁଡ଼ିକରେ ଉନ୍ନତ ସୁବିଧା, ସେବା ଓ ମୂଲ୍ୟ ସଂଯୋଗ କରାଯାଇ ସେସବୁକୁ ଅବ୍ୟାହତ ରଖାଯିବ ।
* ଘରୋଇ ଭାଗୀଦାରମାନଙ୍କୁ ନେଇ ତାରକା ହୋଟେଲ ତଥା ଅନୁରୂପ ସୁବିଧାଗୁଡ଼ିକୁ ପ୍ରୋତ୍ସାହନ ଦିଆଯିବ ।
* କମ୍ ପରିଚିତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଅଧିକ ପ୍ରଚାର ଓ ବିପଣନ ନିମନ୍ତେ ଉଦ୍ୟମ କରାଯିବ ।
* ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଭ୍ରମଣ କରିବାରେ କୌଣସି ସମସ୍ୟା ନରହିବା ନିମନ୍ତେ ସଂପୂର୍ଣ୍ଣ ଭ୍ରମଣ ସମାଧାନ ଯୋଗାଇ ଦିଆଯିବ ।

**୭.୭. ସୁବିଧା/ରିହାତି ପାଇବା ପାଇଁ ପର୍ଯ୍ୟଟନ ଅନୁଷ୍ଠାନ:** ବର୍ତ୍ତମାନ ରହିଥିବା ପର୍ଯ୍ୟଟନ ଅନୁଷ୍ଠାନ ସହିତ ନୂତନ ଅନୁଷ୍ଠାନ ସଂଯୋଗ କରାଯିବ । ଏଥି ପାଇଁ ପର୍ଯ୍ୟଟନ ବିଭାଗର ପରାମର୍ଶ ଅନୁସାରେ ପଂଜୀକରଣ କର୍ତ୍ତୃପକ୍ଷଙ୍କର ସ୍ୱୀକୃତି ଆବଶ୍ୟକ ହେବ ।

ନୂଆ ଅନୁଷ୍ଠାନ କେବଳ ରହିଥିବା ଅନୁଷ୍ଠାନର ସଂପ୍ରସାରଣ ନହୋଇ ପୃଥକ ଭାବରେ ପୁଞ୍ଜିବିନିଯୋଗର ଚିହ୍ନଟ ସହ ସମସ୍ତ ଆବଶ୍ୟକୀୟ ସେବା ଓ ସୁବିଧା ଯୋଗାଇପାରୁଥିବେ ।

**୭.୮. ପର୍ଯ୍ୟଟନସଂପୃକ୍ତ ଅନୁଷ୍ଠାନ:** ୧୮୫୬ କମ୍ପାନୀ ଆକ୍ଟ ବଳରେ ପଞ୍ଜୀକୃତ ଯେ କୌଣସି ଅନୁଷ୍ଠାନ ପର୍ଯ୍ୟଟନ ବିଭାଗର ଅଧୀନସ୍ଥ ହୋଇପାରିବେ । ଏଗୁଡ଼ିକ କୌଣସି ପର୍ଯ୍ୟଟନ ପ୍ରକଳ୍ପ ନିମନ୍ତେ ନିୟୋଜିତ ହୋଇପାରିବେ ।

**୭.୯. ରିହାତି ପାଇଁ ଯୋଗ୍ୟ ବିବେଚିତ ପୁଞ୍ଜିନିବେଶ:** ନିମ୍ନଲିଖିତ କ୍ଷେତ୍ରରେ ପୁଞ୍ଜିଲଗାଣଗୁଡ଼ିକ ରିହାତି ପାଇବା ନିମନ୍ତେ ଉପଯୁକ୍ତ ବିବେଚିତ ହେବେ ।

* ଜମି ପଞ୍ଜୀକରଣ ପାଇଁ ଦେୟ
* ପର୍ଯ୍ୟଟନ ସୁବିଧା/ସେବା ନିମନ୍ତେ ନିର୍ମିତ କୋଠାବାଡ଼ି
* ପାଚେରୀ, ଜମି ସମତଳକରଣ ଅବା କୌଣସି ପ୍ରକଳ୍ପ ଉଦ୍ଦିଷ୍ଟ କାର୍ଯ୍ୟ
* ଯନ୍ତ୍ରପାତି, କାରଖାନା
* ଆଭ୍ୟନ୍ତରୀଣ ନିର୍ମାଣ, ସଂଗଠନ
* ବିଜୁଳି ଯୋଗାଣ, ଅକ୍ଷୟ ଶକ୍ତି ଯୋଗାଣ
* ଉପକରଣ, ସଜ୍ଜୀକରଣ
* ରୋଷେଇ ସାମଗ୍ରୀ, ଆସବାବପତ୍ର
* ଆବର୍ଜନା ପରିଚାଳନା
* ଜେନେରେଟର, ଏୟାରକଣ୍ଡିସନର୍

**୭.୧୦. ପୁଞ୍ଜିନିବେଶରେ ରିହାତି ପାଇଁ ଅଯୋଗ୍ୟ:** ନିମ୍ନଲିଖିତ ନିବେଶଗୁଡ଼ିକ ରିହାତି ପାଇଁ ଅଯୋଗ୍ୟ ବିବେଚିତ ହେବେ

* ଜମିର ମୂଲ୍ୟ
* ଚଳନ୍ତି ପୁଞ୍ଜି
* ସଦ୍‌ଭାବନା, ଶୁଭେଚ୍ଛା
* ସଂସ୍ଥାପନ ଦେୟ
* ରୟାଲିଟି
* କାର୍ଯ୍ୟାରମ୍ଭ ପୂର୍ବର ବ୍ୟୟ
* ପୁରୁଣା ଯନ୍ତ୍ରପାତି, ବିଜୁଳି ଉପକରଣ, ସାଜସଜ୍ଜା ସାମଗ୍ରୀ
* ଟ୍ରକ, କାର, ଭ୍ୟାନ୍ ଓ ଅନ୍ୟାନ୍ୟ ପରିବହନ ଯାନ
* ଉପଭୋକ୍ତା ସାମଗ୍ରୀ, ଶେଯ ବିଛଣା ଇତ୍ୟାଦି
* ବୈଷୟିକ/ପରାମର୍ଶ ନିମନ୍ତେ ଦେୟ
* ବିକ୍ରୟ/ଲିଜ୍/ଭଡ଼ାସୂତ୍ରରେ ଦେବାକୁ ନିର୍ମିତ ଦୋକାନ, ଫ୍ଲାଟ୍, କର୍ଯ୍ୟାଳୟ ଇତ୍ୟାଦି

**୭.୧୧. ରିହାତି ପାଇଁ ଯୋଗ୍ୟ ଅନୁଷ୍ଠାନ (ପର୍ଯ୍ୟଟନ ପ୍ରକଳ୍ପ)**

* ତାରକା ପର୍ଯ୍ୟାୟବାଚୀ ହୋଟେଲ(ଷ୍ଟାର)
* ଆପାର୍ଟମେଣ୍ଟ ହୋଟେଲ
* ଐତିହ୍ୟ ହୋଟେଲ, ରିସର୍ଟ, ହେଲ୍‌ଥ ପାର୍କ ଇତ୍ୟାଦି
* ମୋଟେଲ, ପଥପାର୍ଶ୍ୱ ସୁବିଧାକେନ୍ଦ୍ର, ପର୍ଯ୍ୟଟନସ୍ଥଳୀରେ ସର୍ବସାଧାରଣଙ୍କ ପାଇଁ ସୁବିଧା

- ଥିମ୍‌ଭିତ୍ତିକ ପ୍ରମୋଦକେନ୍ଦ୍ର, ପ୍ରମୋଦ ଉଦ୍ୟାନ ଇତ୍ୟାଦି
- କଳା ଓ କାରୁକଳା ଗ୍ରାମ, କଳାକୃତି ସାମଗ୍ରୀ ଦୋକାନ
- ଗଲ୍‌ଫ୍ କୋର୍ସ
- ରୋପ୍ ୱେ
- ଅଧିବେଶନ/ସମ୍ମେଳନ ଗୃହ
- ବନ୍ୟଜନ୍ତୁ ସଫାରୀ
- ଫିଲ୍ମ ସିଟି
- ସ୍ୱାସ୍ଥ୍ୟ ପର୍ଯ୍ୟଟନ/ଦୁଃସାହସିକ ପର୍ଯ୍ୟଟନ/ଜ୍ଞାନ ପର୍ଯ୍ୟଟନ/ବୌଦ୍ଧ ପର୍ଯ୍ୟଟନ/ଐତିହ୍ୟ ପର୍ଯ୍ୟଟନ

**୮. ପର୍ଯ୍ୟଟନ ପ୍ରକଳ୍ପ ନିମନ୍ତେ ରିହାତି ତଥା ଅନ୍ୟାନ୍ୟ ସହଯୋଗମୂଳକ ପଦକ୍ଷେପଗୁଡ଼ିକର ଆଧାରଃ** ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପ ନିମନ୍ତେ ଘରୋଇ ପୁଞ୍ଜିନିବେଶକୁ ଆକର୍ଷିତ କରିବା ନିମନ୍ତେ ଉଭୟ ଆର୍ଥିକ ଓ ଅଣଆର୍ଥିକ ରିହାତିର ବ୍ୟବସ୍ଥା କରାଯାଇଛି–

**୮.୧ ଆର୍ଥିକ ପ୍ରୋତ୍ସାହନ**

**୮.୧.୧ ଜମି ଆବଣ୍ଟନ**

**୮.୧.୨ ପୁଞ୍ଜିନିବେଶରେ ରିହାତି**

**୮.୧.୩ ସୁଧରେ ରିହାତି**

**୮.୧.୪ ଷ୍ଟାମ୍ପ ଡ୍ୟୁଟି ଛାଡ଼**

**୮.୧.୫ ଜମିର କିସମ ପରିବର୍ତ୍ତନ ପାଇଁ ଦେୟର ଭରଣା**

**୮.୧.୬ 'ଭ୍ୟାଟ୍' ଭରଣା**

**୮.୧.୭ ପ୍ରମୋଦ ଟିକସର ଭରଣା**

**୮.୧.୮ ଶକ୍ତି (ବିଦ୍ୟୁତ୍)**

**୮.୧.୯ ପ୍ରବେଶକର ଭରଣା**

**୮.୧.୧୦ ନିଯୁକ୍ତି ବ୍ୟୟ ଉପରେ ରିହାତି**

**୮.୧.୧୧ ପରିବେଶ ସୁରକ୍ଷା ନିମନ୍ତେ ଭିତ୍ତିଭୂମି ଉପରେ ରିହାତି**

**୮.୧.୧୨ ତାଲିମ ନିମନ୍ତେ ରିହାତି**

**୮.୧.୧୩ ପର୍ଯ୍ୟଟକମାନଙ୍କ ପରିବହନ ବାବଦ ରିହାତି**

**୮.୧.୧୪ ଦରିଆପାରି ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ରିହାତି**

**୮.୧.୧୫ ସିନେମା ସୁଟିଂ ନିମନ୍ତେ ରିହାତି**

**୮.୧.୧୬ ପ୍ରମୁଖ ପର୍ଯ୍ୟଟନସ୍ଥଳୀମାନଙ୍କର କିଓସ୍କ ସ୍ଥାପନରେ ରିହାତି**

**୮.୧.୧୭.** ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ–ବେସରକାରୀ ଉଦ୍ୟୋଗରେ ପୁଞ୍ଜିନିବେଶ ପାଇଁ ପ୍ରୋତ୍ସାହନ ବାବଦରେ ସୁବିଧାମାନ ପର୍ଯ୍ୟଟନ ନୀତିରେ ଉଲ୍ଲେଖ କରାଯାଇଛି । ନୀତିର ୭.୯ ଅନୁଚ୍ଛେଦ ଅନୁଯାୟୀ ସମସ୍ତ ପ୍ରକାର ରିହାତି, ସବ୍‌ସିଡି ଓ ପ୍ରୋତ୍ସାହନମୂଳକ ସହାୟତା ପ୍ରକଳ୍ପର ସମୁଦାୟ ପୁଞ୍ଜିନିବେଶରୁ କୌଣସି ଭାବରେ ଅଧିକ ହେବ ନାହିଁ ।

**୮.୨. ସ୍ୱତନ୍ତ୍ର ପର୍ଯ୍ୟଟନ ଜୋନ୍:** ରାଜ୍ୟର ଅନେକ ଅଞ୍ଚଳରେ ପର୍ଯ୍ୟାପ୍ତ ପର୍ଯ୍ୟଟନ ସମ୍ବଳ ରହିଛି । ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ଏହିସବୁ ସ୍ଥାନଗୁଡ଼ିକୁ ଚିହ୍ନଟ କରିବ ଓ ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିବ । ସେହି ସ୍ୱତନ୍ତ୍ର ପର୍ଯ୍ୟଟନ ଜୋନ୍‌ମାନଙ୍କରେ ରାଜ୍ୟ ସରକାର ସଡ଼କ, ପରିମଳ, ଜଳ ଓ ବିଦ୍ୟୁତ ଶକ୍ତି ଯୋଗାଣ ପରି ଭିତ୍ତିଭୂମି ବିକାଶ ନିମନ୍ତେ ବିଭିନ୍ନ ସୂତ୍ରରୁ ସମ୍ବଳ ସଂଗ୍ରହ କରିବେ । ନିର୍ଦ୍ଧାରିତ ସମୟ ପାଇଁ କେତେକ ସ୍ୱତନ୍ତ୍ର ପର୍ଯ୍ୟଟନ ଜୋନ୍‌ରେ କାର୍ଯ୍ୟ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ପୃଥକ ଭାବରେ ସୁବିଧାସୁଯୋଗ ଯୋଗାଇ ଦେଇପାରିବେ ।

**୮.୩. ଅଣ–ଆର୍ଥିକ ପ୍ରୋତ୍ସାହନ:** ଆର୍ଥିକ ପ୍ରୋତ୍ସାହନ ବ୍ୟତୀତ ନୂତନ ପର୍ଯ୍ୟଟନ ଅନୁଷ୍ଠାନଗୁଡ଼ିକ ଅନ୍ୟ କେତେକ ଅଣ–ଆର୍ଥିକ ସୁବିଧାସୁଯୋଗ ପାଇପାରିବେ । ବିଭିନ୍ନ ସଂସ୍ଥା ସହିତ ଯୋଗସୂତ୍ର ରକ୍ଷା କରି ରାଜ୍ୟ ପର୍ଯ୍ୟଟନ ବିଭାଗ ଅନୁଷ୍ଠାନମାନଙ୍କୁ ବିବିଧ ସାହାଯ୍ୟ, ସୁବିଧା, ପ୍ରୋତ୍ସାହନ ଓ ସୁଯୋଗ ପହଞ୍ଚାଇଦେବାର ବନ୍ଦୋବସ୍ତ କରିବ । ପର୍ଯ୍ୟଟନ ପ୍ରକଳ୍ପର ମଂଜୁରିରେ ସିଙ୍ଗଲ ୱିଣ୍ଡୋ ଓ ଏସ୍‌କର୍ଟ୍ ଅଧିକାରୀମାନଙ୍କ ସହାୟତା କ୍ରମେ କାର୍ଯ୍ୟ କରାଯିବ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେସରକାରୀ ପର୍ଯ୍ୟଟନ ପ୍ରକଳ୍ପର ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାର ସହଯୋଗ କରିବେ । ଏଥିପାଇଁ ରୋଡ୍ ସୋ, ବାଣିଜ୍ୟ ମେଳା, ସରକାରୀ ୱେବ୍‌ସାଇଟ୍ ସହ ସଂଯୋଗୀକରଣ, ବିଭିନ୍ନ ଘଟନାର ପ୍ରାୟୋଜନ ଇତ୍ୟାଦି ସୁଯୋଗମାନଙ୍କରେ ସରକାର ସହଯୋଗ ଅବ୍ୟାହତ ରଖିବେ ।

## ୯. ପ୍ରୋତ୍ସାହନ କ୍ଷେତ୍ରରେ ପ୍ରଶାସନ

**୯.୧.** ପର୍ଯ୍ୟଟନ ନୀତି ଅଧୀନରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ବିଭିନ୍ନ ପ୍ରୋତ୍ସାହନର ପ୍ରଶାସନିକ ସୁବ୍ୟବସ୍ଥା ନିମନ୍ତେ କାର୍ଯ୍ୟାନ୍ୱୟନ ସଂସ୍ଥା ଭାବରେ ଗୃହୀତ । କାର୍ଯ୍ୟାନ୍ୱୟନର ପ୍ରଣାଳୀ ବାବଦରେ ପର୍ଯ୍ୟଟନ ବିଭାଗ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରଦାନ କରିବ ।

**୯.୨. ରିହାତି/ପ୍ରୋତ୍ସାହନ ଦାବି ନିମନ୍ତେ ବିସ୍ତୃତ ପ୍ରକ୍ରିୟା:** ଯେ କୌଣସି ପର୍ଯ୍ୟଟନ ଅନୁଷ୍ଠାନ ବ୍ୟବସାୟିକ କାର୍ଯ୍ୟାରମ୍ଭ କରିବା ଦିନଠୁଁ ୧୮୦ ଦିନ ମଧ୍ୟରେ ବିଭିନ୍ନ ରିହାତି/ପ୍ରୋତ୍ସାହନ ନିମନ୍ତେ ସେମାନଙ୍କର ପ୍ରୋଭିଜନାଲ(ଅସ୍ଥାୟୀ) ପ୍ରମାଣପତ୍ର ତଥା ଆନୁଷଙ୍ଗିକ କାଗଜାତ୍ ସହ ପର୍ଯ୍ୟଟନ ନିର୍ଦ୍ଦେଶାଳୟକୁ ଆବେଦନ କରିବେ । ନିର୍ଦ୍ଦେଶାଳୟ କାଗଜାତ୍‌ସବୁ ତନଖି କରିବା ପରେ ସୁବିଧାସୁଯୋଗ ପାଇବା ଦିନ ନିର୍ଦ୍ଧାରଣ କରିବ ।

- ପ୍ରଥମ ସୋପାନ: ପର୍ଯ୍ୟଟନ ଅନୁଷ୍ଠାନମାନଙ୍କ ଆବେଦନ
- ଦ୍ୱିତୀୟ ସୋପାନ: ପର୍ଯ୍ୟଟନ ନିର୍ଦ୍ଦେଶାଳୟ ଦ୍ୱାରା କାଗଜାତ୍ ତନଖି
- ତୃତୀୟ ସୋପାନ: ପ୍ରଥମ ତିନିବର୍ଷ ନିମନ୍ତେ ପି.ଆର୍.ସି ପ୍ରଥମ ଦଫାରେ ବୈଧ ପରିଗଣିତ ହେବ
- ଚତୁର୍ଥ ସୋପାନ: ତିନିବର୍ଷ ମଧ୍ୟରେ ଗୋଟିଏ ପର୍ଯ୍ୟଟନ ଅନୁଷ୍ଠାନ ତା'ର କାର୍ଯ୍ୟ ସଂପୂର୍ଣ୍ଣ କରିପାରୁନଥିଲେ, ତାହା ସମୟ ସଂପ୍ରସାରଣ ପାଇଁ ଆବେଦନ କରିବେ ।
- ପଞ୍ଚମ ଅଧ୍ୟାୟ: ସମ୍ମତିକ୍ରମେ, ପର୍ଯ୍ୟଟନ ବିଭାଗ ସେହି ଅନୁଷ୍ଠାନକୁ ପ୍ରକଳ୍ପ ଅବଧି ବୃଦ୍ଧି ନିମନ୍ତେ ସର୍ବୋଚ୍ଚ ୨ ବର୍ଷ ସମୟ ଦେଇପାରନ୍ତି ।
- ଷଷ୍ଠ ଅଧ୍ୟାୟ: ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାର ୧୮୦ ଦିନ ମଧ୍ୟରେ ପର୍ଯ୍ୟଟନ ଅନୁଷ୍ଠାନମାନେ ପର୍ଯ୍ୟଟନ ବିଭାଗକୁ ଅବଗତ କରାଇବେ ।

- ସପ୍ତମ ଅଧ୍ୟାୟ: ପର୍ଯ୍ୟଟନ ବିଭାଗ ଦ୍ୱାରା ସମସ୍ତ କାଗଜାତ୍ ତନଖି/ତଦାରଖ ସମେତ କ୍ଷେତ୍ରୀୟ ପରିଦର୍ଶନ ପରେ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇପାରେ ।
- ଅଷ୍ଟମ ସୋପାନ: ଦସ୍ତାବିଜ୍ ଓ କାଗଜାତ୍ ତଦାରଖ ପରେ ପର୍ଯ୍ୟଟନ ବିଭାଗ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରିବେ ଏବଂ ବିଭିନ୍ନ ସୁବିଧାସୁଯୋଗ ପ୍ରଦାନର ନିର୍ଦ୍ଧାରିତ ତାରିଖ ଘୋଷଣା କରିବେ ।

## ୧୦. ପର୍ଯ୍ୟଟନ ବିକାଶ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା

**୧୦.୧ ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ:** ରାଜ୍ୟରେ ପର୍ଯ୍ୟଟନ ବିକାଶର ତଦାରଖ ଓ ନିର୍ଦ୍ଦେଶାବଳୀ ଜାରି ନିମନ୍ତେ ଏହି ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ଶୀର୍ଷ ସମିତି ଭାବରେ କାର୍ଯ୍ୟ କରିବ । ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ଓ ପର୍ଯ୍ୟଟନ ମନ୍ତ୍ରୀ ସଭ୍ୟ ରହିବେ । ଅର୍ଥ ବିଭାଗ ସଚିବ ଏହାର ସଭ୍ୟ-ଆବାହକ ରହିଥିଲାବେଳେ ଜଙ୍ଗଲ-ପରିବେଶ ମନ୍ତ୍ରୀ, ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ।।ସନ ସଚିବ, ପରିବହନ ବିଭାଗ ସଚିବ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ସଚିବ, ଓଡ଼ିଶା ସଂପୃକ୍ତ ରେଳବାଇ ଡିଭିଜନ୍‌ର ପ୍ରବନ୍ଧ ପରିଚାଳକ, ବାଣିଜ୍ୟ ସଂଗଠନ, ବିମାନବନ୍ଦର କର୍ତ୍ତୃପକ୍ଷ, ଦୁଇଟି ପ୍ରମୁଖ ବିମାନସେବା ସଂସ୍ଥା, ହୋଟେଲ୍ ଓ ରେସ୍ତୋଁରା ମହାସଂଘ, ହୋଟେଲ୍ କର୍ତ୍ତୃପକ୍ଷ, ପ୍ରତ୍ନତତ୍ତ୍ୱ ବିଭାଗର ପ୍ରତିନିଧି ତଥା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଭ୍ୟ ଭାବରେ ସାମିଲ ହେବେ ।

**୧୦.୨. ପର୍ଯ୍ୟଟନ ଉପଦେଷ୍ଟା କମିଟି:** ଏଥିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ଓ ପର୍ଯ୍ୟଟନ ବିଭାଗ ଶାସନ ସଚିବ ସଭ୍ୟ-ଆବାହକ ରହିଥିଲାବେଳେ ଉନ୍ନୟନ କମିଶନର, ଗୃହ ସଚିବ, ରାଜସ୍ୱ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ବନ୍ୟଜନ୍ତୁ ବିଭାଗ ସଚିବ, ବନ ସଂରକ୍ଷକ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସଦସ୍ୟ ରହିବେ । ସରକାରଙ୍କ ଦ୍ୱାରା ସମୟାନ୍ତରେ ମନୋନୟନ ମାଧ୍ୟମରେ ଅନ୍ୟ ସଂସ୍ଥା ତଥା ସରକାରୀ ବିଭାଗରୁ ପ୍ରତିନିଧିମାନେ ଏହି କମିଟିରେ ସାମିଲ ହେବେ ।

**୧୦.୩. ଏକକ ବାତାୟନ ମଂଜୁରି କର୍ତ୍ତୃପକ୍ଷ:** ଘରୋଇ କ୍ଷେତ୍ରରେ ହେଉଥିବା ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ଅନୁମୋଦନ ନିମନ୍ତେ ଏକକ ବାତାୟନ ମଂଜୁରି କର୍ତ୍ତୃପକ୍ଷ ନିମ୍ନମତେ କାର୍ଯ୍ୟ କରିବ ।

* ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ ହେଉଥିବା ପ୍ରକଳ୍ପ ନିମନ୍ତେ ସ୍ୱତନ୍ତ୍ର ଏକକ ବାତାୟନ ମଂଜୁରି କମିଟି ରହିବ ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଏଥିରେ ଅଧ୍ୟକ୍ଷ ରହିବେ ।
* ୫୦ କୋଟିରୁ ୧୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ହେଉଥିବା ପ୍ରକଳ୍ପର ଅନୁମୋଦନ ନିମନ୍ତେ ରାଜ୍ୟସ୍ତରୀୟ କମିଟି ରହିବ ଏବଂ ଏହାର ସଦସ୍ୟମାନେ 'ଓଡ଼ିଶା ଶିଳ୍ପ ସହାୟତା ଅଧିନିୟମ-୨୦୦୪' ଅନୁଯାୟୀ ମନୋନୀତ ହେବେ ।
* ୧୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶ ହେଉଥିବା ପର୍ଯ୍ୟଟନ ପ୍ରକଳ୍ପର ଅନୁମୋଦନ ନିମନ୍ତେ ଉଚ୍ଚସ୍ତରୀୟ କମିଟି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓ 'ଓଡ଼ିଶା ଶିଳ୍ପ ସହାୟତା ଅଧିନିୟମ-୨୦୦୪' ଅନୁସାରେ ମନୋନୀତ ବ୍ୟକ୍ତିମାନଙ୍କ ସଦସ୍ୟତାରେ ଗଠିତ ହେବ ।

ଏକକ ବାତାୟନ ଅନୁମୋଦନ ନିମନ୍ତେ ପର୍ଯ୍ୟଟନ ବିଭାଗ ସମସ୍ତ ଦାପ୍ତରିକ ସହାୟତା ଯୋଗାଇଦେବ । ସଂପୃକ୍ତ ବିଭାଗ ଅଥବା କର୍ତ୍ତୃପକ୍ଷଙ୍କୁ ଏକକ ବାତାୟନ ମଞ୍ଜୁରି କମିଟି ନିର୍ଦ୍ଧାରିତ ସମୟରେ ଆବଶ୍ୟକୀୟ ଅନୁମୋଦନ ନିମନ୍ତେ ନିର୍ଦ୍ଦେଶ ଦେଇପାରିବେ । ତେବେ ଏହି କ୍ଷେତ୍ରରେ ପ୍ରଚଳିତ ନୀତିନିୟମ, ଆଇନ୍, ଅଧିନିୟମଗୁଡ଼ିକର ଅନୁପାଳନ କରିବାକୁ ହେବ ।

## ଏକକ ବାତାୟନ ମଂଜୁରି କର୍ତ୍ତୃପକ୍ଷ ନିମ୍ନଲିଖିତ କାର୍ଯ୍ୟ କରିବେ ।

ଆବଶ୍ୟକୀୟ ନିୟମ, ଅଧିନିୟମ ଅନୁପାଳନପୂର୍ବକ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ ଦେବେ ।

ଆବଶ୍ୟକ ସମୟରେ ଓଡ଼ିଶା ଶିଳ୍ପ ସହାୟତା ଆଇନ୍-୨୦୦୪ରେ ପ୍ରଦତ୍ତ ଅନୁମୋଦନ ଦେବେ ।

ପୂର୍ବରୁ ଅନୁମୋଦନ ଆବେଦନ ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ପଠାଯାଇଥିବା ଆବେଦନଗୁଡ଼ିକର ତଦାରଖ ଓ ସମୀକ୍ଷା କରିବେ ।

କର୍ତ୍ତୃପକ୍ଷଙ୍କୁ ସହାଯ୍ୟ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ରହିବେ । ସେ ବିଭିନ୍ନ କାର୍ଯ୍ୟାଳୟ ଓ ସୂତ୍ରରୁ ପ୍ରକଳ୍ପ ନିମନ୍ତେ ଅବେଦନ ପତ୍ର ଗ୍ରହଣ କରିବେ । କର୍ତ୍ତୃପକ୍ଷଙ୍କ ବୈଠକରେ ସେ ସମସ୍ତ ଆବେଦନ ପତ୍ର ଓ କାଗଜାତ୍ ଉପସ୍ଥାପନ କରିବେ ।

**୧୦.୪. ଜିଲ୍ଲା ପର୍ଯ୍ୟଟନ ବିକାଶ ପରିଷଦ:** ପ୍ରତି ଜିଲ୍ଲାରେ ଏକ ପର୍ଯ୍ୟଟନ ବିକାଶ ପରିଷଦ ଗଠନ କରାଯିବ । ଏହି ପରିଷଦ ପର୍ଯ୍ୟଟନ ବିଭାଗ ସହିତ ସମନ୍ୱୟ ରକ୍ଷାପୂର୍ବକ କାର୍ଯ୍ୟକରିବ ।

ଏହି ପରିଷଦ–

* କୌଣସି ପର୍ଯ୍ୟଟନ ପ୍ରକଳ୍ପ ନିମନ୍ତେ ଜିଲ୍ଲାରେ ଜମି ଜାଗା ଚିହ୍ନଟ କରିବ
* ଜିଲ୍ଲା ଓ ସବ୍‌ଡିଭିଜନ୍‌ସ୍ତରରେ ପର୍ଯ୍ୟଟନ ସଂପର୍କିତ ତଥ୍ୟ, ବିବରଣୀ ଇତ୍ୟାଦି ସଂଗ୍ରହପୂର୍ବକ ସେସବୁ ଉପଯୁକ୍ତ ସ୍ଥାନରେ ଉପସ୍ଥାପନ କରିବେ
* ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ନିମନ୍ତେ ବିଭିନ୍ନ ସଂସ୍ଥାମାନଙ୍କ ସହଯୋଗରେ ସମ୍ବଳ ସଂଗ୍ରହ କରିବ
* ପର୍ଯ୍ୟଟନ ସଂପର୍କିତ ସମ୍ବାଦ–ତଥ୍ୟ, ଅଗ୍ରଗତି ବାବଦରେ ସବିଶେଷ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍‌ରେ ସଂଯୁକ୍ତ କରିବ
* ସରକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷାପୂର୍ବକ ପର୍ଯ୍ୟଟନ ବିକାଶ ସଂପର୍କିତ ମାଷ୍ଟର ପ୍ଲାନ୍‌ଗୁଡ଼ିକର ସମୃଦ୍ଧି କରିବ
* ସ୍ଥାନୀୟ ଅଧିବାସୀମାନଙ୍କ ଦକ୍ଷତା ଭିତ୍ତିରେ ଗାଇଡ୍ ତାଲିକା, ମୁକ୍ତବୃତ୍ତ ଲେଖକ, ଫଟୋଗ୍ରାଫର, ଘରୋଇ ଆବାସ ତଥା ସେବାପ୍ରଦାନକାରୀମାନଙ୍କ ତାଲିକା ପ୍ରସ୍ତୁତି ସମେତ ଜନସାଧାରଣଙ୍କ ଅବଗତି ନିମନ୍ତେ ସେସବୁର ସରବରାହ କାର୍ଯ୍ୟ କରିବ
* ପର୍ଯ୍ୟଟନ ଶିଳ୍ପ ସହିତ ସଂପୃକ୍ତ ଭାଗୀଦାରମାନଙ୍କ ସୁବିଧା ଦୃଷ୍ଟିରୁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବ
* ସ୍ଥାନୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତି ନିମନ୍ତେ ଆଞ୍ଚଳିକ ସଂଗଠନଗୁଡ଼ିକର ସହାୟତାରେ କାର୍ଯ୍ୟ କରିବ
* ପରିବେଶ ପର୍ଯ୍ୟଟନର ବିକାଶ ନିମନ୍ତେ କ୍ଷୁଦ୍ର ସମିତିମାନଙ୍କୁ ସହଯୋଗ ଓ ସମର୍ଥନ ଯୋଗାଇଦେବ ଓ
* ଆର୍ଥିକ ଦୃଷ୍ଟିରୁ ଲାଭବାନ ପର୍ଯ୍ୟଟନ ପ୍ରକଳ୍ପର ବିକାଶ ସାଧନ କରିବ

ସଂପୃକ୍ତ ଅଞ୍ଚଳର ରାଜସ୍ୱ ଆୟୁକ୍ତ ଜିଲ୍ଲା ପର୍ଯ୍ୟଟନ ବିକାଶ ପରିଷଦର ପୃଷ୍ଠପୋଷକ ଓ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ । ପରିଷଦର ଦୈନନ୍ଦିନ କାର୍ଯ୍ୟକ୍ରମ ଓ ବ୍ୟାପାର ଗୋଟିଏ କାର୍ଯ୍ୟକାରୀ କମିଟି ଉପରେ ନ୍ୟସ୍ତ ରହିବ । ବିଭିନ୍ନ ସର୍ତ୍ତାବଳୀ ସରକାରଙ୍କ ଦ୍ୱାରା ପୃଥକ ଭାବରେ ବିଜ୍ଞାପିତ ହେବ ।

**୧୦.୫. ଜିଲ୍ଲା ପର୍ଯ୍ୟଟନ ବିକାଶ ପରିଷଦର କାର୍ଯ୍ୟକାରୀ କମିଟି:** ଜିଲ୍ଲା ପର୍ଯ୍ୟଟନ ପରିଷଦର ଦୈନନ୍ଦିନ କାର୍ଯ୍ୟକ୍ରମ ଓ ବ୍ୟାପାର କାର୍ଯ୍ୟକାରୀ କମିଟି ଉପରେ ନ୍ୟସ୍ତ ହେବ । କମିଟିର ବୈଠକ ପ୍ରତି ମାସରେ ଅନ୍ୟୂନ ଥରେ ବସିବ । ଏହାର କାର୍ଯ୍ୟକାଳ ତିନିବର୍ଷ କିମ୍ବା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ । ଜିଲ୍ଲାର ପର୍ଯ୍ୟଟନ ଅଧିକାରୀ ଏହି କମିଟିର ଆବାହକ ହେବେ ଓ ସେ ବୈଠକ ଡକାଇବା, କାର୍ଯ୍ୟକ୍ରମ ସଂପର୍କିତ ତଥ୍ୟ ସଂରକ୍ଷଣ କରିବା ତଥା ପର୍ଯ୍ୟଟନ ବିକାଶ ପରିଷଦ ନିର୍ଦ୍ଧାରିତ କର୍ତ୍ତବ୍ୟମାନ ସଂପାଦନ କରିବେ । ଏହି କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷ, ଡିଭିଜନାଲ୍ ବନ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ସଂପୃକ୍ତ ପୌର ନିଗମର ପ୍ରତିନିଧି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, କମିଶନରେଟ୍ ପୋଲିସ(କଟକ/ଭୁବନେଶ୍ୱର)ଙ୍କ ପ୍ରତିନିଧି, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ପ୍ରତିନିଧି, ଜିଲ୍ଲା ପରିଷଦ/ପୌର ସଂସ୍ଥା/ଅଧିସୂଚିତ କ୍ଷେତ୍ର ପରିଷଦର ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ/ବିଧାୟକ, ନିର୍ବାହୀ ଯନ୍ତ୍ରୀ (ପୂର୍ତ୍ତ:ନିର୍ମାଣ), ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଯୋଜନା

ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ହୋଟେଲ ସଂଘର ସଭାପତି, ଜିଲ୍ଲା ଟ୍ରାଭେଲ୍ ଏଜେଣ୍ଟ ସଂଘର ସଭାପତି, କମିଟିର ଉଦ୍ଦେଶ୍ୟକୁ ପୂରଣ କରିପାରିବା ଭଳି ଯୋଗ୍ୟତାସଂପନ୍ନ ଯେ କେହି ଯଦି ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହେବେ, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ମନୋନୀତ ପ୍ରତିନିଧି ସଦସ୍ୟ ରହିବେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏହି କମିଟିର ସଦସ୍ୟ ସଚିବ ଭାବେ କାର୍ଯ୍ୟକରିବେ ।

**୧୦.୬. ସ୍ଥାନୀୟ ପର୍ଯ୍ୟଟନ ବିକାଶ ପରିଷଦ:** କେତେକ ପ୍ରମୁଖ ପର୍ଯଟନସ୍ଥଳୀରେ ସ୍ଥାନୀୟ ପର୍ଯ୍ୟଟନ ବିକାଶ ପରିଷଦ ଗଠନ କରିବା ନିମନ୍ତେ ରାଜ୍ୟ ପର୍ଯ୍ୟଟନ ନୀତିରେ ପ୍ରସ୍ତାବ ରହିଛି । ଏଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟ କରିବେ–

* ନିଜ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନିମନ୍ତେ ଜାଗା ଚିହ୍ନଟ
* ଗାଇଡ୍, ମୁକ୍ତବୃତ୍ତ ଲେଖକ, ଫଟୋଗ୍ରାଫର, ଆବାସ ଠିକଣା ଓ ପର୍ଯ୍ୟଟନ ସୁବିଧା ପ୍ରଦାନକାରୀମାନଙ୍କ ତାଲିକା ପ୍ରସ୍ତୁତି ନିମନ୍ତେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଦକ୍ଷତା ଆକଳନ/ବୃଦ୍ଧି
* ଜିଲ୍ଲା ପର୍ଯ୍ୟଟନ ବିକାଶ ପରିଷଦର ପ୍ରସାରଣ/ପ୍ରଚାର ସାମଗ୍ରୀ ପ୍ରସ୍ତୁତିରେ ସହାୟତା
* ସରକାରଙ୍କ ଦ୍ୱାରା ସୃଷ୍ଟି କରାଯାଉଥିବା ପର୍ଯ୍ୟଟନ ସେବା/ସୁବିଧାଗୁଡ଼ିକର ପ୍ରଶାସନିକ କାର୍ଯ୍ୟାନ୍ୱୟନ ଓ ପରିଚାଳନା
* କୌଣସି ପର୍ଯ୍ୟଟନସଂପୃକ୍ତ କାର୍ଯ୍ୟକ୍ରମର ରୂପାୟନ
* ସ୍ଥାନୀୟ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଓ ପର୍ଯ୍ୟଟନ ସମ୍ବଳର ଅଭିବୃଦ୍ଧି ନିମନ୍ତେ ପ୍ରୋତ୍ସାହନ
* ପରିବେଶ–ପର୍ଯ୍ୟଟନ ସମିତିଗୁଡ଼ିକୁ ସମର୍ଥନ ଓ ସୁବିଧା ପ୍ରଦାନ ଓ
* ପର୍ଯ୍ୟଟନର ଗୁରୁତ୍ୱ ଓ ବାସିନ୍ଦାମାନଙ୍କୁ ଅଧିକ ପର୍ଯ୍ୟଟକବନ୍ଧୁଭାବାପନ୍ନ ହେବା ବିଷୟରେ ସଚେତନତା ପ୍ରସାର

ସ୍ଥାନୀୟ ପର୍ଯ୍ୟଟନ ବିକାଶ ପରିଷଦରେ ଜିଲ୍ଲାପାଳ ପୃଷ୍ଠପୋଷକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧ୍ୟକ୍ଷ ରହିବେ । ଦୈନନ୍ଦିନ କାର୍ଯ୍ୟ ନିର୍ବାହ ନିମନ୍ତେ ଏକ କାର୍ଯ୍ୟକାରୀ କମିଟି ରହିବ । ଏହି କାର୍ଯ୍ୟକାରୀ କମିଟିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧ୍ୟକ୍ଷ ରହିଥିବା ବେଳେ କନିଷ୍ଠ ଯନ୍ତ୍ରୀ, ସଂପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ/ଆବଶ୍ୟକସ୍ଥଳେ ସଂପୃକ୍ତ, ପୌରସଂସ୍ଥାର ପ୍ରତିନିଧି, ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ, ସ୍ଥାନୀୟ ହୋଟେଲ ସଂଘର ସଭାପତି, ସ୍ଥାନୀୟ ଟ୍ରାଭେଲ ଏଜେଣ୍ଟ ଆସୋସିଏସନ୍‌ର ସଭାପତି, ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ, ଲକ୍ଷ୍ୟସାଧନରେ ଉପଯୁକ୍ତ ବ୍ୟକ୍ତି, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ପ୍ରତିନିଧି ସଦସ୍ୟ ରହିବେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏହି ପରିଷଦର ସଦସ୍ୟ–ସଚିବ ଭାବରେ କାର୍ଯ୍ୟକରିବେ ।

**୧୦.୭. ଅନ୍ୟାନ୍ୟ**

କ. ଓଡ଼ିଶା ରାଜ୍ୟ ଶିଳ୍ପନୀତି: ୨୦୧୫ ସହିତ ରାଜ୍ୟ ପର୍ଯ୍ୟଟନ ନୀତି:୨୦୧୬ ଅନୁଷ୍ଠାନ ଲକ୍ଷ୍ୟ ସାଧନ ନିମନ୍ତେ କାର୍ଯ୍ୟକାରୀ ହେବ । ଯେ କୌଣସି ସମୟରେ ସରକାର ପର୍ଯ୍ୟଟନ ନୀତିରେ ସଂଶୋଧନ କରିପାରିବେ । ଯେ କୌଣସି ସମୟରେ ସରକାର ପର୍ଯ୍ୟଟନ ନୀତିରେ ସଂଶୋଧନ କରିପାରବେ ।

ଖ. ନୀତି ଉଲ୍ଲିଖିତ କୌଣସି ପ୍ରସଙ୍ଗର ବ୍ୟାଖ୍ୟାନରେ କୌଣସି ସରଳୀକରଣ କିମ୍ବା ନୀତି ଉଲ୍ଲିଖିତ କୌଣସି ବ୍ୟବସ୍ଥା କାର୍ଯ୍ୟାନ୍ୱୟନ ନେଇ ସନ୍ଦେହ ଉପୁଜିଲେ ଆବଶ୍ୟକୀୟ ସ୍ପଷ୍ଟୀକରଣ, ପ୍ରସ୍ତାବ ଓ ନିଷ୍ପତ୍ତି ଇତ୍ୟାଦି ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ସୂଚନା ଦେବାକୁ ହେବ ଏବଂ ସେ ବାବଦରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ବୋଲି ବିବେଚନା କରାଯିବ ।

ଗ. ସବ୍‌ସିଡି, ରିହାତି କିମ୍ବା କୌଣସି ସୁବିଧା/ପ୍ରୋତ୍ସାହନ ଇତ୍ୟାଦି କ୍ଷେତ୍ରରେ ନିର୍ଦ୍ଧାରିତ ବ୍ୟବସ୍ଥା କ୍ରମେ କାର୍ଯ୍ୟାନ୍ୱୟନ ଇତ୍ୟାଦି ବିଶଦ ନୀତିନିର୍ଦ୍ଦେଶାବଳୀ ବୈଧାନିକ ବିଜ୍ଞପ୍ତି ସହ ସଂପୃକ୍ତ । ଏସବୁ ନୀତି ଓ ବିଜ୍ଞପ୍ତି ଆଦି ରାଜ୍ୟ ପର୍ଯ୍ୟଟନ ବିଭାଗ ଜାରି କରିବେ ।

❖ ❖ ❖